ବର୍ଷ-୨୪, ସଂଖ୍ୟା-୧୮୫
ଭୁବନେଶ୍ୱର
୦୪ ଅଗଷ୍ଟ, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 185
Bhubaneswar
04 August, 2024, Sunday
Page-08, Rs.: 2.00


ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# କେନ୍ଦୁଝରରେ ହେବ ମେଗା ଷ୍ଟିଲ ପ୍ଲାଣ୍ଟ

**ଭୁବନେଶ୍ୱର,୩।୮ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ସମୀକ୍ଷା କରି ଅଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର ଗୁଡିକ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ୫ ବର୍ଷରେ ରାଜ୍ୟରେ ୩.୫ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ ପରି କ୍ଷେତ୍ରଗୁଡିକରେ ଅଧିକ ନିଯୁକ୍ତି ସମ୍ଭାବନା ରହିଛି। ତେଣୁ ଏ ସବୁ କ୍ଷେତ୍ରରେ କିପରି ଅଧିକ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ସେଥି ପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏ ସବୁ କ୍ଷେତ୍ରରେ ଓଡିଆ ଉଦ୍ୟୋଗୀମାନଙ୍କୁ ଶିଳ୍ପ ସ୍ଥାପନ ପାଇଁ ଉତ୍ସାହିତ କରିବାକୁ



ମଧ୍ୟ ସେ ପରାମର୍ଶ ଦେଇଥିଲେ।

ସମୀକ୍ଷା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ କେନ୍ଦୁଝର ପରି ଖଣିଜ ସମ୍ପଦ ସମୃଦ୍ଧ ଜିଲ୍ଲାରେ ଏ ପର୍ଯ୍ୟନ୍ତ ମେଗା ଷ୍ଟିଲ ପ୍ଲାଂଟ ସ୍ଥାପିତ ହୋଇପାରି ନାହିଁ। ଜିଲ୍ଲାରେ ଖଣିଜ ସମ୍ପଦ ସହ ଜମି, ଜଳ, ବିଦ୍ୟୁତ, ଯୋଗାଯୋଗର ସୁବିଧା ଆଦି ସବୁ ଆନୁଷଙ୍ଗିକ ଭିତିଭୂମିର ସୁବିଧା ମଧ୍ୟ ରହିଛି। ତେଣୁ ସେଠାରେ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଉଦ୍ୟମ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଆଲୋଚନା ପରେ ନିଷ୍ପତି ହୋଇଥିଲା ଯେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଂଟ ସ୍ଥାପନ ପାଇଁ ବିଭିନ୍ନ ଆଗ୍ରହୀ ଶିଳ୍ପ ସଂସ୍ଥା ସହିତ ଆଲୋଚନା କରାଯାଇ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ।

ବୈଠକରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଶ୍ରୀ ହେମନ୍ତ ଶର୍ମା ବିଭିନ୍ନ କ୍ଷେତ୍ରର ଶିଳ୍ପ ପ୍ରତିଷ୍ଠାରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଉପସ୍ଥାପନା କରିଥିଲେ। ସେ କହିଥିଲେ ଯେ ରାଜ୍ୟରେ ୨୦୧୬ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୯୮୯ଟି ଶିଳ୍ପ ପ୍ରତିଷ୍ଠା ପାଇଁ ଆବେଦନ ଆସିଥିବା ବେଳେ ୬୭୪ଟି ପ୍ରକଳ୍ପ ସିଙ୍ଗିଲ ଓ୍ୱିଣ୍ଡୋ ଅଥରିଟି ଦ୍ୱାରା ଅନୁମୋଦନ ପାଇଛି। ସେଥି ମଧ୍ୟରୁ ୩୫୨ଟି ପ୍ରକଳ୍ପକୁ ଜମି ହସ୍ତାନ୍ତର କରାଯାଇଛି। ଏତଦ୍? ବ୍ୟତିତ ୧୮୩ଟି ପ୍ରକଳ୍ପ ଶିଳ୍ପ ସ୍ଥାପନ ପାଇଁ କାମ ଆରମ୍ଭ ହୋଇଛି। ୭୪ଟି ଶିଳ୍ପ କାର୍ଯ୍ୟକ୍ଷମ ହୋଇସାରିଛି।

ସେହିପରି ରାଜ୍ୟରେ ୧୨ଟି ବୈଦେଶିକ ପୁଞ୍ଜି ବିନିଯୋଗ ପ୍ରସ୍ତାବ ରହିଛି। ୪୧ଟି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ନିବେଶ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଶିଳ୍ପ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ଶ୍ରୀ ଶର୍ମା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିପୁଳ ସୁଯୋଗ ରହିଛି। ତବୈଠକରେ ଶିଳ୍ପ ମନ୍ତ୍ରୀ ଶସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇପିକଲ୍ ର ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆ ଓ ଶିଳ୍ପ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# କେଦାରନାଥରେ ଫସିଛନ୍ତି ୪ ଓଡ଼ିଆ

**ଭୁବନେଶ୍ୱର,୩।୮(ମହାଭାରତ):** କେନ୍ଦୁଝର ଜିଲ୍ଲାର ୪ ଜଣ ବୋଲବମ୍ ଭକ୍ତ ଉତ୍ତରାଖଣ୍ଡର କେଦାରନାଥରେ ଫଶିଛନ୍ତି। ୩ ଦିନ ହେଲାଣି ସେମାନେ ସେଠାରେ ଫଶି ରହିଥିବା ସୂଚନା ମିଳିଛି। ତେଲକୋଇ ଥାନା ଅଞ୍ଚଳର ୩ ଜଣ ଓ ସଦର ଥାନା ଅଞ୍ଚଳର ଜଣେ ଭକ୍ତ ରହିଛନ୍ତି।




ଗତ ୩୧ ତାରିଖ ରାତିରେ ବାଦଲ ଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ ଯୋଗୁଁ ଉତ୍ତରାଖଣ୍ଡର ସୋନପ୍ରୟାଗ ଓ ଗୌରୀକୁଣ୍ଡ ମଧ୍ୟରେ କେଦାରନାଥ ରାଜପଥ ଧୋଇ ହୋଇ ଯିବା ସହିତ ପୋଲ ମଧ୍ୟ ନଷ୍ଟ ହୋଇଯାଇଛି। ଏହି ଘଟଣାରେ ୧୬ ଜଣଙ୍କ ମୃତ୍ୟୁ ମଧ୍ୟ ଘଟିଛି। ଭୂଭାଗରେ ଯିବା ଆସିବା ବିଚ୍ଛିନ୍ନ ହୋଇ ପଡିଛି। ଫଳରେ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ଗ୍ରାମର ସଦାନନ୍ଦ ସାହୁ(୩୫), ସରୁଆଳୀ ଗ୍ରାମର କାର୍ତ୍ତିକ ଖିଲାର(୪୪), ଚନ୍ଦ୍ରଶେଖରପୁର ଗ୍ରାମର ମହେଶ୍ୱର ପ୍ରଧାନ(୫୪) ଓ ସଦର ଥାନା ଅନ୍ତର୍ଗତ କେମ୍ପସଡା ଗ୍ରାମର ରକ୍ଷିନାଥ ମହାନ୍ତ(୨୮) ଫଶି ରହିଛନ୍ତି। ୩୧ ତାରିଖ ଦିନ କେଦାରନାଥଙ୍କୁ ପୂଜାର୍ଚ୍ଚନା ପରେ ୧ ତାରିଖ ସକାଳେ ଫେରିବା ଯୋଜନା ରହିଥିଲା।

ତେବେ ୩୧ ତାରିଖ ବାଦଲଫଟା ବର୍ଷା ଓ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ୨୦୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏବେବି ଫଶି ରହିଛନ୍ତି। ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ରିଲିଫ ସହାୟତା ସହିତ ହେଲିକପ୍ଟର ଯୋଗେ ଉଦ୍ଧାର କାର୍ଯ୍ୟ ଚାଲିଛି। ପାଗ ମେଘୁଆ ଓ କୁହୁଡ଼ି ସାଙ୍ଗକୁ ଅନ୍ଧାରିଆ ରହୁଛି। ପ୍ରତିକୂଳ ପାଗ ପାଇଁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ସେଠାରେ ଆବଶ୍ୟକ ଅମ୍ଳଜାନ ଅଭାବ ପରିଲକ୍ଷିତ ହେଉଥିବା ଫଶି ରହିଥିବା ଶ୍ରଦ୍ଧାଳୁମାନେ ପ୍ରକାଶ କରିଛନ୍ତି।

# ୩୦ରୁ ଭୁବନେଶ୍ୱରରୁ ଦୁର୍ଗାପୁରକୁ ଉଡ଼ିବ ବିମାନ

**ଭୁବନେଶ୍ୱର,୩।୮(ମହାଭାରତ):** ଭୁବନେଶ୍ୱରବାସୀଙ୍କ ପାଇଁ ଖୁସି ଖବର। ଏଣିକି ପଶ୍ଚିମବଙ୍ଗର ଦୁର୍ଗାପୁରକୁ ସିଧାସଳଖ ବିମାନଯାତ୍ରା କରିପାରିବେ ଯାତ୍ରୀ। ଭୁବନେଶ୍ୱର-ଦୁର୍ଗାପୁର ଏକ ନୂଆ ବିମାନ ଚଳାଚଳ କରିବ। ଅଗଷ୍ଟ ୩୦ରୁ ଏହି ସେବା ଆରମ୍ଭ ହେବ ବୋଲି ଶୁକ୍ରବାର ଦୁର୍ଗାପୁର କାଜି ନଜରୁଲ୍ ଇସଲାମ୍ ବିମାନବନ୍ଦର ନିର୍ଦ୍ଦେଶକ କୈଳାସ ମଣ୍ଡଳ ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦୈନିକ ଭୁବନେଶ୍ୱରରୁ ଦୁର୍ଗାପୁରକୁ ବିମାନ ଚାଲିବ। ଯାହା ପୂର୍ବାହ୍ଣ ୧୧.୧୫ରେ ଭୁବନେଶ୍ୱରରୁ ବାହାରି ୧୨.୫୫ରେ ଦୁର୍ଗାପୁର ବିମାନବନ୍ଦରରେ ପହଞ୍ଚିବ। ସୋମବାର, ବୁଧବାର, ଶୁକ୍ରବାର ଓ ଶନିବାର ଦିନ ଦୁର୍ଗାପୁରରୁ ଭୁବନେଶ୍ୱରକୁ ଅପରାହ୍ଣ ୪.୩୫ରେ ଆସିବ। ଯାହା ସନ୍ଧ୍ୟା ୬.୧୫ରେ ପହଞ୍ଚିବ। ଏହାବାଦ୍ ମଙ୍ଗଳବାର, ଗୁରୁବାର ଓ ଶନିବାର ଅପରାହ୍ଣ ୫.୧୦ରେ ଏକ ବିମାନ ଦୁର୍ଗାପୁରରୁ ଭୁବନେଶ୍ୱର ଅଭିମୁଖେ ଫେରିବ, ଯାହା ସନ୍ଧ୍ୟା ୬.୫୫ରେ ପହଞ୍ଚିବ। ଏହି ବିମାନ ଚଳାଚଳ ଦ୍ୱାରା ଦୁଇ ସହର ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ସହ ପର୍ଯ୍ୟଟକମାନେ ଫାଇଦା ପାଇବେ ବୋଲି ଶ୍ରୀ ମଣ୍ଡଳ କହିଛନ୍ତି। ବୋଗଡୋଗ୍ରା ଓ ଆସାମର ଗୌହାଟିକୁ ମଧ୍ୟ ନୂଆ ବିମାନ ଚାଲିବ ବୋଲି ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏୟାରପୋର୍ଟର ଟର୍ମିନାଲ ମ୍ୟାନେଜର ସିଦ୍ଧାର୍ଥ ବୋଷ ଉପସ୍ଥିତ ଥିଲେ।

# ଗିରଫ ହେଲା ୫ ସ୍ତ୍ରୀଙ୍କ ସ୍ୱାମୀ

**ଭୁବନେଶ୍ୱର,୩।୮ (ମହାଭାରତ):** ନିଜକୁ ଆଇବି ଇନ୍ସପେକ୍ଟର ବୋଲି ପରିଚୟ ଦେଉଥିଲାୟ ଫୋନ କରି ଯୁବତୀ ଓ ମହିଳାଙ୍କୁ ପ୍ରେମ ନିବେଦନ କରୁଥିଲା। କିଛି ମହିଳାଙ୍କୁ ବିବାହ ମଧ୍ୟ କରିଥିଲା। ଲାଇନରେ ଥିଲେ ଆହୁରି ୪୯ ମହିଳା। ହେଲେ ଗୋଟିଏ ଭୁଲ ଫୋନ କଲ୍ ପୁରା ଖେଳକୁ ବିଗାଡି ଦେଲା। ଜଣେ ମହିଳା ପୁଲିସଙ୍କ ସହ କଥା ହେଉ ହେଉ ପୁରା ମାମଲାର ଖିଅ ଧରାପଡ଼ିଥିଲା। ଆଉ ଧୀରେ ଧୀରେ ପୁରା ଘଟଣା ସାମ୍ନାକୁ ଆସିଥିଲା। ଧରାପଡ଼ି ଯାଇଥିଲା ଛଦ୍ମବେଶୀ ଯୁବକ।

 କମିସନରେଟ ପୁଲିସର 'ଅପରେସନ ମଜନୁ'ରେ ବନ୍ଧା ହେଲା ୫ ସ୍ତ୍ରୀଙ୍କ ସ୍ୱାମୀ ସତ୍ୟଜିତ ସାମଲ। ଆହୁରି ୪୯ଜଣ ମହିଳା



ଲାଇନରେ ଥିଲେ। ଠକ ସତ୍ୟଜିତ ନାଁରେ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଯେତେବେଳେ ଘଟଣା ସମ୍ପର୍କରେ ଜଣାପଡ଼ିଲା ଅଭିଯୁକ୍ତକୁ ଧରିବା ପାଇଁ ଜାଲ ବିଛାଇଥିଲା ପୁଲିସ। ଜଣେ ମହିଳା ପୁଲିସଙ୍କ ସହ ଚାଟିଙ୍ଗ କରି ଅଭିଯୁକ୍ତକୁ ଦୁବାଇରୁ ଭୁବନେଶ୍ୱର ଡକାଯାଇଥିଲା। ତେଟରେ ଦୁବାଇରୁ ଭୁବନେଶ୍ୱର ଆସିବା ପରେ ଅଭିଯୁକ୍ତକୁ ବାନ୍ଧିଛି ପୁଲିସ। ୩୪ ବର୍ଷୀୟ ଏହି ଯୁବକ ଚନ୍ଦ୍ରଶେଖପୁରରେ ରୁହେ ଓ ଅଭିଯୁକ୍ତ ଠାରୁ ୨ଲକ୍ଷ ୧୦ ହଜାର ଟଙ୍କା ସହ କାର, ବନ୍ଧୁକ, ଗୁଳି ଓ ବୁଲେଟ ଜବତ ହୋଇଛି, ୩ ବ୍ୟାଙ୍କ ଆକାଉଣ୍ଟ ସହ ଏଗ୍ରିମେଣ୍ଟ ପେପର ଜବତ ହୋଇଛି।

ମହିଳାଙ୍କ ସହ ସମ୍ପର୍କ ରଖି ତାଙ୍କ ଠାରୁ ୩୬ ଲକ୍ଷ ଏବଂ ବାଲିନୋ କାର ନେଇଥିବା ବେଳେ, ଅନ୍ୟଜଣେ ମହିଳାଙ୍କ ଠାରୁ ୮ ଲକ୍ଷ ସହ ବୁଲେଟ ଗାଡ଼ି ନେଇଛନ୍ତି। ବିଧବା ମହିଳା, ବିବାହ ବିଚ୍ଛେଦ ହୋଇଥିବା ମହିଳା ଓ ଯୁବତୀଙ୍କୁ ଟାର୍ଗେଟ କରୁଥିଲା ଏହି ଠକ। ପ୍ରଥମେ କଥାବାର୍ତ୍ତା ହେବା ପରେ ବିଭିନ୍ନ ଉପାୟରେ ତାଙ୍କ ଠାରୁ ମୋଟା ଅଙ୍କର ଟଙ୍କା ମାଗୁଥିଲା। ମହିଳାଙ୍କୁ ବାହା ହେବା ସହ ତାଙ୍କ ନାଁରେ ଋଣ କରୁଥିଲା ଏବଂ ସେହି ଋଣ ଟଙ୍କାରେ ମଉଜ କରୁଥିଲା ଠକ ସତ୍ୟଜିତ ସାମଲ। ମହିଳାଙ୍କ ନାଁରେ ଋଣ କରି କାର କିଣି ସେହି କାରକୁ ଭଡ଼ାରେ ଲଗାଇ ଟଙ୍କା କମାଉଥିଲା।

## ଦୟାନଦୀ ବନ୍ଧରେ ସାଙ୍ଗକୁ ହତ୍ୟା ଘଟଣା

# ଗିରଫ ହେଲେ ବାପା ଓ ୨ ପୁଅ

**ଭୁବନେଶ୍ୱର,୩।୮ (ମହାଭାରତ):** ସାଙ୍ଗ ହତ୍ୟାକାରୀ ସାଙ୍ଗ ଗିରଫ। ଧଉଳି ଦୟାନଦୀ ବନ୍ଧରେ ସାଙ୍ଗକୁ ହତ୍ୟା କରି ବନ୍ଧାହେଲେ ବାପା ଓ ଦୁଇ ପୁଅ। ଗତ ଜୁଲାଇ ୧୫ ତାରିଖରେ ଦୟା ନଦୀ ବନ୍ଧ ଉପରେ ତିନି ଜଣ ସାଙ୍ଗ ବସିଥିଲେ। ତିନି ଜଣଙ୍କ ମଧ୍ୟରେ



କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏହାପରେ ଶମ୍ଭୁନାଥ ଦାସ ତାଙ୍କ ପରିବାର ଲୋକଙ୍କୁ ଡାକିବା ପରେ ପରିବାର ଲୋକ ସହ ମିଶି ରାଜେଶ ପ୍ରଧାନଙ୍କୁ ମାଡ ମାରିଥିଲେ। ଯାହାଫଳରେ ଗୋଟିଏ ଖାଲରେ ପଡିଯିବାରୁ ବେକ ହାଡ ଭାଙ୍ଗି ଯାଇଥିଲା। ତେବେ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୬ ଜୁଲାଇରେ ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ମୃତକ ରାଜେଶ ପ୍ରଧାନଙ୍କ ମା' ବାସନ୍ତୀ ପ୍ରଧାନଙ୍କ ଅଭିଯୋଗ ଆଧାରରେ ଧଉଳି ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା।

# କାଠଯୋଡି ନଦୀ ପଠାରେ କୁମ୍ଭୀର

**କଟକ,୩।୮(ମହାଭାରତ):** କାଠଯୋଡି ନଦୀ ମଝିରେ ଥିବା ଶୁଖିଲା ବାଲି ଉପରେ ଗୋଟିଏ କୁମ୍ଭୀର ଶୋଇଛି। ଏହି ଖବର ପ୍ରଚାରିତ ହେବା ପରେ ତ୍ରିଶୁଳିଆ ବ୍ରିଜ୍ରେ ଅସମ୍ଭାଳ ଭିଡ୍ ପରିଲକ୍ଷିତ ହୋଇଛି। ଯେଉଁଥିପାଇଁ ଅଜଥାରେ ଟ୍ରାଫିକ୍ ଜାମ୍ ହୋଇଛି। କମିଶନରେଟ୍ ପୁଲିସ୍ ପହଞ୍ଚି ଭିଡ୍ ନିୟନ୍ତ୍ରଣ କରୁଛି।



ଆଜି ଅପରାହ୍ନରେ ତ୍ରିଶୁଳିଆ ବ୍ରିଜ୍ଠାରୁ ଅଳ୍ପ ଦୂରରେ କାଠଯୋଡ଼ିର ନଦୀ ମଝିରେ ଥିବା ଶୁଖିଲା ବାଲି ଉପରେ ଗୋଟିଏ କୁମ୍ଭୀର ଶୋଇଥିବା ଦେଖିବାକୁ ମିଳିଛି। ଦୀର୍ଘ ସମୟ ଧରି କୁମ୍ଭୀରଟି ଶୋଇଛି। ଏହି ଖବର ପ୍ରଚାରିତ ହେବା ପରେ କୁମ୍ଭୀରକୁ ଦେଖିବା ପାଇଁ ବ୍ରିଜ୍ ଉପରେ ଲୋକଙ୍କ ଅସମ୍ଭାଳ ଭିଡ ଦେଖିବାକୁ ମିଳିଛି। ଯେଉଁଥିପାଇଁ ବ୍ରିଜ୍ ଉପରେ ଅସମ୍ଭାଳ ଟ୍ରାଫିକ୍ ଜାମ ହୋଇଛି। ଖବର ପାଇ ବନ ବିଭାଗ ଘଟଣା ସ୍ଥଳରେ ପାଖରେ ପହଞ୍ଚିଛି। କୁମ୍ଭୀର ଗତିବିଧି ଉପରେ ନଜର ରଖିଛି। ସେପଟେ ପରିସ୍ଥିତି ଏମିତି ହୋଇଥିଲା ଯେ ଲୋକଙ୍କୁ ହଟାଇବା ପାଇଁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଛି।

ବନ ବିଭାଗର କହିବା ଅନୁସାରେ କାଠଯୋଡ଼ି ମଝିରେ ଥିବା ବାଲି ଉପରେ ଶୋଇଥିବା କମ୍ଭୀରଟି ଘଡିଆଳ ପ୍ରଜାତିର। ମଣିଷଙ୍କ ପାଇଁ ବିପଦ ନୁହଁନ୍ତି। ମାଛ ଖାଇବା ପରେ କମ୍ଭୀରଟି ଖରାରେ ଶୋଇଛି। ଏହି ପ୍ରଜାତିର ବିରଳ। ଏମାନଙ୍କ ବଂଶ ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି। ସେଥିପାଇଁ ମହାନଦୀରେ କିଛି ଘଡିଆଳ କୁମ୍ଭୀର ଛଡ଼ା ଯାଇଛି। କିନ୍ତୁ ଏହି କୁମ୍ଭୀରଟି ନରାଜରେ ରୁହେ। ବନ୍ୟା ଜଳରେ ସିଏ ପଳାଇ ଆସିଛି। ପରେ ନରାଜକୁ ଫେରିବ ବୋଲି ଆଶା କରାଯାଉଛି। ସେଥିପାଇଁ ତା' ଗତିବିଧି ଉପରେ ନଜର ରଖାଯାଇଛି ବୋଲି ବନ ବିଭାଗ କହିଛି।

# ପୁଲିସ-ନକ୍ସଲ ଗୁଳି ବିନିମୟ

**ମାଲକାନଗିରି,୩।୮ (ମହାଭାରତ):** ସୀମାନ୍ତ ଛତିଶଗଡ଼ରେ ପୁଣି ନକ୍ସଲ ଏବଂ ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଛି। ଆଜି ନକ୍ସଲ ସହିଦ ସପ୍ତାହର ଶେଷ ଦିନ ହୋଇଥିବା ବେଳେ ପୁଲିସ ଜଂଗଲରେ ସର୍ଚ୍ଚ ଅପରେସନକୁ ଜୋରଦାର କରୁଥିଲା। ସକାଳୁ ନକ୍ସଲ ସହ ମୁହାଁମୁହିଁ ହେବା ପରେ ଦୁଇ ପଟରେ ଦୀର୍ଘ ସମୟ ଧରି ଗୁଳିବିନିମୟ ଘଟିଥିଲା। ତେବେ ଏହି ଗୁଳିବିନିମୟରେ କେହି ମୃତାହତ ହୋଇନଥିବା ଜଣାପଡିଛି। ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ଯବାନ ସର୍ଚ୍ଚଅପରେସନ କରୁଥିବା ବେଳେ ଜଂଗଲରୁ ଦୁଇଟି ବୋମା ଉଦ୍ଧାର କରିଥିଲେ। ଗୋଟିଏ ପାଇପ ବୋମା ଓ ଅନ୍ୟଟି ପ୍ରେସର କୁକର ବୋମା। ଏହି ଦୁଇ ବୋମାକୁ ଯବାନ ଜଂଗଲରେ ହିଁ ନିଷ୍କ୍ରିୟ କରିଥିଲେ।

# କଳିଙ୍ଗ ଷ୍ଟାଡିୟମ୍ ବୁଲିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୮ (ମହାଭାରତ):** ଆଜି ସକାଳେ ପ୍ରାତଃ ଭ୍ରମଣରେ ଯାଇଥିବା ବେଳେ ନିମ୍ନମାନର କାମ ହୋଇଥିବା ସ୍ଥାନକୁ ସ୍ପଟ୍ ଭିଜିଟ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବି ଏହି ସମୟରେ ଉପସ୍ଥିତ ଥିଲେ। କଳିଙ୍ଗ ଷ୍ଟାଡିୟମର ସ୍ପୋର୍ଟସ କମ୍ପ୍ଲେକ୍ସରେ ହୋଇଥିବା ନିମ୍ନମାନର କାର୍ଯ୍ୟକୁ ଦେଖି ମୁଖ୍ୟମନ୍ତ୍ରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି। ହୋଇଥିବା ଦୁର୍ନୀତିର ତଦନ୍ତ ଚାଲିଛି। ଏହାଛଡା ସ୍ପୋର୍ଟସ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ଭେଟି ସମସ୍ୟା ବୁଝିଛନ୍ତି ମୁଖ୍ୟମନ୍ତ୍ରୀ। ସରକାରୀ ଟଙ୍କା ର ଅପବ୍ୟବହାର ଓ ଆତ୍ମସାତ କରିଥିବା କରିଥିବା ଅଧିକାରୀଙ୍କୁ ବିଲକୁଲ ଛଡା ଯିବନାହିଁ ବୋଲି କ୍ରୀଡାମନ୍ତ୍ରୀ କହିଛନ୍ତି। ୧୮



ବର୍ଷରୁ ଉର୍ଦ୍ଧ୍ୱ ଯେଉଁ ଛାତ୍ରମାନେ ହଷ୍ଟେଲରେ ରହୁଛନ୍ତି ତାଙ୍କ ସମସ୍ୟା ବୁଝିଥିଲେ ମୁଖ୍ୟମନ୍ତ୍ରୀ। ପୂର୍ବ ସରକାରରେ ନିର୍ମାଣ ହୋଇଥିବା କମ୍ପ୍ଲେକ୍ସର ଛାତର କିଛି ଅଂଶ ଭାଙ୍ଗି ତଳେ ପଡିଥିବା କଥାକୁ ସତ ବୋଲି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ବିଜେଡି ସରକାରରେ ଏହି ଦୁର୍ନିତୀରେ ସାମିଲ ଥିବା ଅଧିକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କ୍ରୀଡ଼ା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ କହିଛନ୍ତି।

# ଜିଏସ୍‌ଟି ସଂଗ୍ରହ ୨୪.୯୮% ବୃଦ୍ଧି

**ଭୁବନେଶ୍ୱର,୩।୮(ମହାଭାରତ):** ଚଳିତ ବର୍ଷ ଜୁଲାଇ ମାସରେ ରାଜ୍ୟ ଜିଏସ୍‌ଟି ସଂଗ୍ରହ ପରିମାଣରେ ୨୪.୯୮% ବୃଦ୍ଧି ଘଟିଛି। ଜୁଲାଇ ମାସରେ ଜିଏସଟି ସଂଗ୍ରହ ପରିମାଣ ୨୦୩୫.୧୮ କୋଟି ଟଙ୍କା ହୋଇଥିବା ବେଳେ ୨୦୨୩ ମସିହା ଜୁଲାଇ ମାସରେ ଏହି ପରିମାଣ ୧୬୨୮.୪୩ କୋଟି ଟଙ୍କା ଥିଲା। ସେହିପରି ଚଳିତ ବର୍ଷ ଜୁଲାଇ ମାସ ପର୍ଯ୍ୟନ୍ତ ରାଜ୍ୟର ଜିଏସଟି ସଂଗ୍ରହ ପରିମାଣ ୮୮୬୬.୯୫ କୋଟି ଟଙ୍କାରେ ପହଂଚିଛି ଏବଂ ଗତବର୍ଷ ୨୦୨୩ ଜୁଲାଇ ମାସ ପର୍ଯ୍ୟନ୍ତ ଏହି ପରିମାଣ ୭୦୫୫.୫୩ କୋଟି ଟଙ୍କା ଥିଲା। ଏ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହାର ୨୫.୬୭% ରହିଛି।

ସେହିପରି ଚଳିତ ବର୍ଷ ଜୁଲାଇ ମାସରେ କେନ୍ଦ୍ରୀୟ ଜିଏସଟି, ରାଜ୍ୟ ଜିଏସ୍ଟି ଓ ସମନ୍ୱିତ ଜିଏସଟି ଓ ସେସ୍ ସଂଗ୍ରହ ପରିମାଣକୁ ମିଶାଇ ଓଡ଼ିଶାର ମୋଟ ଜିଏସଟି ସଂଗ୍ରହ ୪୯୨୫.୦୨ କୋଟି ଟଙ୍କାରେ ପହଂଚିଛି। ଗତ ବର୍ଷ ଏହା ୪୨୪୫.୪୦ କୋଟି ଟଙ୍କା ଥିଲା। ଏ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହାର ୧୬.୦୧% ରହିଛି। ଚଳିତ ବର୍ଷ ଜୁଲାଇ ମାସ ପର୍ଯ୍ୟନ୍ତ ଓଡ଼ିଶାର ମୋଟ ଜିଏସଟି ସଂଗ୍ରହ ପରିମାଣ ୨୦୮୪୧.୩୩ କୋଟି ଥିବା ବେଳେ ୨୦୨୩ ଜୁଲାଇ ମାସ ପର୍ଯ୍ୟନ୍ତ ଏହି ପରିମାଣ ୧୮୦୫୮.୮୪ କୋଟି ଟଙ୍କା ଥିଲା ଯାହା ୧୫.୪୧% ଅଭିବୃଦ୍ଧିକୁ ଦର୍ଶାଉଛି।

# ମୟୂରଭଞ୍ଜ ଜିଲ୍ଲାରେ କୃଷି ଏବଂ ଉଦ୍ୟାନ କୃଷି ବିଭାଗ, ଶକ୍ତି ବିଭାଗ କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର,୩।୮ (ମହାଭାରତ):** ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଆଜି ମୟୂରଭଞ୍ଜ ଜିଲ୍ଲାରେ କୃଷି ଏବଂ ଉଦ୍ୟାନ କୃଷି ବିଭାଗୀୟ କାର୍ଯ୍ୟର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଏଯାବତ ହୋଇଥିବା ସମସ୍ତ କୃଷି କାର୍ଯ୍ୟ ଏବଂ ତାହାର ପୁଙ୍ଖାନୁପୁଙ୍ଖ ବିବରଣୀ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପଚାରି ବୁଝିଥିବାବେଳେ ଏହି ବିଭାଗ ସହିତ ସଂଶ୍ଳିଷ୍ଟ ସମସ୍ତ ବିଭାଗୀୟ କାଯର୍ୟର ତଦାରଖ କରିଥିଲେ। ଏହି ପରିପ୍ରେକ୍ଷୀରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଜିଲ୍ଲାରେ କୃଷି ଏବଂ କୃଷକମାନଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନା, ଏହାର କାର୍ଯ୍ୟକାରିତା ଏବଂ ଏହାର ଲାଭାନ୍ୱିତକରଣ ଦ୍ୱାରା ଉପଯୋଗ ହୋଇଥିବା ରାଜସ୍ୱ ବିଷୟରେ ପଚାରି ବୁଝିଥିଲେ। ଅଧିକାରୀମାନଙ୍କୁ ସମସ୍ତ ବିଭାଗୀୟ ଅନୁମୋଦିତ କାର୍ଯ୍ୟକୁ ତୁରନ୍ତ ସମାପ୍ତ କରି ବିଭାଗୀୟ ମୁଖ୍ୟାଳୟରେ ରିପୋର୍ଟ ଦାଖଲ କରିବା ଏବଂ ଆଗାମୀ ଯୋଜନା ଏବଂ କାର୍ଯ୍ୟପନ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଆଦେଶ ଦେଇଥିଲେ। ମୟୂରଭଞ୍ଜ



ଏକ ଆଦିବାସୀ ବହୁଳ ଜିଲ୍ଲା ଏବଂ ଏହି ଜିଲ୍ଲା ନିଜ ପାରମ୍ପରିକ କୃଷି ପାଇଁ ପ୍ରସିଦ୍ଧ, ଏହାକୁ ଅଗ୍ରଗତିର ସହ ଆଗକୁ ନେବା ପାଇଁ ସମସ୍ତ ପ୍ରକାର ସହାୟତା କରିବା ପାଇଁ ରାଜ୍ୟସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ କହିଥିଲେ। ଗ୍ରାମାଞ୍ଚଳର ବିଦ୍ୟୁତିକରଣ, ଟ୍ରାନ୍ସଫର୍ମର ପୋଡ଼ି, ସମୟ ଅସମୟରେ ବିଦ୍ୟୁତ କାଟ୍ ଭଳି ସମସ୍ୟା ଏବଂ ବହୁତ ଦିନରୁ ଅଟକି ଥିବା ବିଦ୍ୟୁତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଆଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବାଲେଶ୍ୱର ସାଂସ' ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମୟୂରଭଞ୍ଜ ସାଂସ' ଶ୍ରୀ ନବଚରଣ ମାଝୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା କୁମାରୀ ସଞ୍ଜଳୀ ମୁର୍ମୁ, ସାରସକଣା ବିଧାୟକ ଶ୍ରୀ ଭାଦବ ହାଂସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଂସଦା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ତଥା ଉଦ୍ୟାନ କୃଷି ନିର୍ଦ୍ଦେଶକ, ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଟିପିଏନ୍ଓଡିଏଲ୍ର ସିଇଓ ବିଜୟ ଦାସ୍ ବାସାକ୍ ଓ ଶକ୍ତି ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ଏବଂ ମାନ୍ୟବର ବିଧାୟକଗଣଙ୍କ ଦ୍ୱାରା ପଚାର ଯାଇଥିବା ତଥ୍ୟକୁ ଉପସ୍ଥାପନା କରିବା ସହିତ ଜିଲ୍ଲାରେ କୃଷିରେ କିଭଳି ଉନ୍ନତି ହୋଇ ପାରିବ ସେ ବିଷୟରେ ନିଜ ନିଜ ମତ ପୋଷଣ କରିଥିଲେ।

## ପ୍ରସ୍ତୁତ କରନ୍ତୁ ଚକଲେଟ



ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ଚକଲେଟ ପସନ୍ଦ ହୋଇଥାଏ। ତେଣୁ କରୋନା ପାଇଁ ବାହାରକୁ ବାହାରି ହେଉନାହିଁ। ଏଣୁ ଘରେ ରହି ମଧ୍ୟ ଆସନ୍ତୁ ଆଜି ପ୍ରସ୍ତୁତ କରିବା ଚକଲେଟ।

ଆବଶ୍ୟକୀୟ ସାମଗ୍ରୀ : ଲୁଣ ନଥିବା ବଟର , ଆଇସିଙ୍ଗ ସୁଗାର, ଭାନିଲା ଇସେନ୍ସ, କୋକୋ ପାଉଡ଼ର, ମିଲ୍କି ପାଉଡ଼ର,ଆଲମଣ୍ଡ ଖଣ୍ଡ , ଗୁଆ ଘିଅ।

ପ୍ରସ୍ତୁତି ପ୍ରଣାଳୀ : ଗ୍ୟାସ ଅନ କରି ସେଥିରେ ଏକ ପାତ୍ର ବସାନ୍ତୁ। ଅଳ୍ପ ଗୁଆ ଘିଅ ପକାନ୍ତୁ ସେଥିରେ ଖଣ୍ଡ ଆଲମଣ୍ଡ ପକାଇ ଧୀରେ ଧୀରେ ଭାଜନ୍ତୁ। ଟିକେ କଲର ହେବା ପରେ ତାକୁ ଗାଡି ଦିଅନ୍ତୁ। ଚିନି ଗୁଣ୍ଡ , କୋକୋ ପାଉଡ଼ର , ମିଲକି ପାଉଡ଼ର ଆଦିକୁ ଭଲ ଭାବେ ଏକ ଚଲାରେ ଚଲେଇ ଦିଅନ୍ତୁ। ଯାହା ଦ୍ୱାରା ଏଥିରେ ଥିବା ଖଦଡ଼ା ଅଂଶ ଅଲଗା ହୋଇଯିବ। ଏକ ପାତ୍ର ନିଅନ୍ତୁ ଏବଂ ସେଥିରେ କିଛି ବଟର ପକାନ୍ତୁ। ବଟର ମେଲଟ ହେଲା ପରେ ଚିନି ଗୁଣ୍ଡକୁ ପକାନ୍ତୁ। ଭଲ ଭାବରେ ମିଶିଗଲା ଦୁଇ ବୁଧା ଭାନିଲା , ମିଲକି ପାଉଡ଼ର ଏବଂ କୋକ ପାଉଡ଼ରକୁ ପକାଇ ଭଲ ଭାବେ ମିଶାନ୍ତୁ। ଭଲ ଭାବେରେ ମିଶିଗଲା ପରେ ଏଥିରେ ବାଦାମ ଖଣ୍ଡ ପକାଇ ଦିଅନ୍ତୁ। ଏହ ପରେ ଏହି ମିଶ୍ରଣକୁ ଚକଲେଟ ଛାଞ୍ଚରେ ପକାନ୍ତୁ। ଏହାକୁ ଫ୍ରିଜରେ ରଖନ୍ତୁ। ଦୁଇ ଘଣ୍ଟା ପର୍ଯ୍ୟନ୍ତ ଏହାକୁ ରଖନ୍ତୁ। ଚକଲେଟ ସେଟ ହୋଇଗଲା ପରେ ଏହାକୁ ଛାଞ୍ଚରୁ ବାହାର କରନ୍ତୁ। ପ୍ରସ୍ତୁତ ହୋଇଗଲା ଚକେଲଟ।

## ..... ପରଦା ଖବର ......

# ଜାହ୍ନବୀଙ୍କ 'ଉଲଝ' ରିଲିଜ୍



ଫ୍ରାଇଡରେ ରିଲିଜ୍ ହୋଇଛି 'ଅରୋଁ ମେଁ କାହାଁ ଦମ୍ ଥା' ଏବଂ 'ଉଲଝ'। ପ୍ରଥମ ସିନେମାରେ ଅଜୟ ଦେବଗନ ଓ ତବୁ ଅଭିନୟ କରି ଥିବାବେଳେ 'ଉଲଝ'ରେ ଜଲଓ୍ୱା ଦେଖାଇଛନ୍ତି ଜାହ୍ନବୀ କପୁର। 'ଉଲଝ' ଟ୍ରେଲରକୁ ଜବରଦସ୍ତ ରେସ୍ପନ୍ସ ମିଳି ଥିବାବେଳେ ବର୍ତ୍ତମାନ ପ୍ରଥମ ଦିନ କଲେକ୍ସନ ରିପୋର୍ଟ ସାମ୍ନାକୁ ଆସିଛି। ପ୍ରଥମ ଦିନର ବକ୍ସ ଅଫିସ୍ କଲେକ୍ସନ ରିପୋର୍ଟ ଫିଲ୍ମ ର୍ନିମାତାମାନଙ୍କୁ ନିରାଶ କରିପାରେ। କାରଣ ଉଲଝ ପ୍ରଥମ ଦିନରେ ୧.୧ କୋଟି ଆୟ କରିଛି।ଉଲଝାକୁ ସଫଳ ହେବା ପାଇଁ ୫୦ରୁ ୫୫ କୋଟି ଟଙ୍କା ଆୟ କରିବାକୁ ପଡ଼ିବ। ସେ ଦୃଷ୍ଟିରୁ ପ୍ରଥମ ଦିନ ଆୟ ଖୁବ୍ କମ୍ ଥିବା ଚର୍ଚ୍ଚା ହେଉଛି।ଯଦି ଚଳଚ୍ଚିତ୍ର କଥା କହିବା, ତେବେ ଉଲଝରେ ଜାହ୍ନବୀ କପୁରଙ୍କ ବ୍ୟତୀତ ଗୁଲଶନ ଦେବୟା ଏବଂ ରୋଶନ ମାଥ୍ୟୁ ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି। ଏହି ସିନେମାନେ ଜାହ୍ନବି କପୁରଙ୍କୁ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳୁଛି। ସୁଦର୍ଶନ ସରିୟା ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ଏବଂ ବିନୀତ ଜୈନ ଏହାର ପ୍ରଯୋଜକ।ସେପଟେ ଅଜୟ ଦେବଗନ ଓ ତବୁଙ୍କ ଅଭିନୀତ ସିନେମା ମଧ୍ୟ ବିଶେଷ ଆୟ କରିପାରି ନାହିଁ। 'ଅରୋଁ ମେଁ କାହାଁ ଦମ୍ ଥା' ପ୍ରଥମ ଦିନରେ ୨ କୋଟି ଆୟ କରିଛି। ଏହା ଉଲଝଠାରୁ ସାମାନ୍ୟ ଉପରେ ଥିବା ରିପୋର୍ଟରୁ ଜଣାପଡିଛି।

## ଗୋଲାପ ଟି' ପିଇଲେ ଚମକିବ ତ୍ୱଚ ,କମିବ ଓଜନ



ତ୍ୱଚର ଚମକ ପାଇଁ ଆପଣ ନିଜ ସ୍କିନ୍ ରୁଟିନରେ ଗୋଲାପ ଜଳ ପ୍ରୟୋଗ କରନ୍ତି। ଗୋଲାପ ଜଳରୁ ତ୍ୱଚକୁ ଅତ୍ୟଧିକ ଲାଭ ମିଳିଥାଏ। ତ୍ୱଚରେ ଗୋଲାପ ଲଗାଇବାର ତ ଅନେକ ଫାଇଦା ରହିଛି କିନ୍ତୁ ଯଦି ଆପଣ ଏହାକୁ ଖାଇବା ପାଇଁ ବ୍ୟବହାର କରୁଛନ୍ତି ତେବେ ମଧ୍ୟ ଆପଣଙ୍କୁ ଭରପୂର ଫାଇଦା ମିଳିଥାଏ। ଗୋଲାପ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ହୋଇପାରେ। ଆମେ ସାଧାରଣତଃ ଗୋଲାପ ଜଳକୁ କସମେଟିକ୍ ରୂପକୁ ବ୍ୟବହାର କରିଥାଉ। କିନ୍ତୁ ଆଜି ଆମେ ଆପଣଙ୍କୁ ଗୋଲାପ ଟି' ବିଷୟରେ କହିବାକୁ ଯାଉଛୁ। ଗୋଲାପ ଟି' ଦ୍ୱାରା ଆପଣଙ୍କ ଶରୀରକୁ ଅନେକ ଲାଭ ମିଳିଥାଏ। ଓଜନ କମଠୁ ନେଇ ତ୍ୱଚରେ ଚମକ ଆଣିବାର କାମ କରୁଥିବା ଏହି ଟି ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

# ଶ୍ରୀରାମଙ୍କ ନାମର ମହିମା





'ରାମ' ଶବ୍ଦର ଅର୍ଥ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ଏହାର ଉଚ୍ଚାରଣ ସେତିକି ମଧୁର। ଶ୍ରଦ୍ଧାର ସହ 'ରାମ' ନାମ ଉଚ୍ଚାରଣ କରିବା ମାତ୍ରେ ଶରୀର ଏବଂ ମନରେ ଏକ ଅଦ୍ଭୁତ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ। ଯାହା ଆତ୍ମାକୁ ଶାନ୍ତି ପ୍ରଦାନ କରିଥାଏ। ଏହି ଶବ୍ଦର ଧ୍ୱନିକୁ ନେଇ ଅନେକ ଗବେଷଣା ହୋଇଛି। ଏହାଦ୍ୱାରା ରାମନାମ ଉଚ୍ଚାରଣ ଦିବ୍ୟ ପ୍ରଭାବ ସିଦ୍ଧ ହୋଇପାରିଛି। ସେଥିପାଇଁ କୁହାଯାଏ ରାମଙ୍କ ଠାରୁ ଶ୍ରେଷ୍ଠ "ଶ୍ରୀରାମଙ୍କ ନାମ"। ଶ୍ରୀରାମଙ୍କ ନାମ ଜପ କରି ଅନେକ ସାଧୁସନ୍ଥ ମୁକ୍ତିଲାଭ କରିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ। ଏହି ଧ୍ୱନିର ବିଜ୍ଞାନ ସହିତ ପରିଚିତ ଥିବା ଲୋକମାନେ 'ରାମ' ନାମର ମହିମାକୁ ନିଶ୍ଚିତରୂପେ ଅନୁଭବ କରିଥିବେ। 'ରାମ' ଶବ୍ଦର ଉଚ୍ଚାରଣ କରିବା ମାତ୍ରେ ପବନରେ ଏକ ବିଶେଷ ଆକୃତି ସୃଷ୍ଟି ହୋଇଥାଏ। ଫଳରେ ବିଚାର ଶୁଦ୍ଧ ହୋଇଥାଏ। ବ୍ୟକ୍ତି ଲଗାତାର 'ରାମ' 'ରାମ' ଜପ କରି ଚାଲିଲେ ସମଗ୍ର ଶରୀରରେ ଏହାର ଅନୁଭବ ହୋଇଥାଏ। ମନୁଷ୍ୟ ଶରୀର ବାହାରେ ଏକ ଅଦ୍ଭୂତ ସୁରକ୍ଷା ବଳୟ ସୃଷ୍ଟି ହୋଇଥାଏ। ଏହି ସକାରାତ୍ମକ ସୁରକ୍ଷା ବଳୟ ଅର୍ନ୍ତମନ ଏବଂ ବାହାରେ ଥିବା ସମସ୍ତ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ।

# ରୁଦ୍ରାକ୍ଷର ଧାର୍ମିକ ମହତ୍ତ୍ୱ






ରୁଦ୍ରାକ୍ଷ ଏକମାତ୍ର ଏମିତି ଫଳ ଯାହାର ଧର୍ମ, କର୍ମ, ଅର୍ଥ ଏବଂ ମୋକ୍ଷ ପ୍ରଦାନ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିବ ପୁରାଣ, ପଦ୍ମା ପୁରାଣ, ରୁଦ୍ରାକ୍ଷକଳ୍ପ, ରୁଦ୍ରାକ୍ଷ ମାହାତ୍ମ୍ୟ ଆଦି ରୁଦ୍ରାକ୍ଷ ମହିମା ସମ୍ପର୍କରେ ଉଲ୍ଲେଖ ରହିଛି। ରୁଦ୍ରାକ୍ଷ ସମସ୍ତଙ୍କ ଲଭଦାୟୀ। କିନ୍ତୁ ମୁଖ ଅନୁସାରେ ଏହାର ମହତ୍ତ୍ୱ ଭିନ୍ନ ଭିନ୍ନ ରହିଥାଏ। ପ୍ରତ୍ୟେକ ରୁଦ୍ରାକ୍ଷ ଉପରେ ଧାରା ରହିଥାଏ। ଧାରା ଅନୁଯାୟୀ ରୁଦ୍ରାକ୍ଷର ମୁଖ ନିର୍ଣ୍ଣୟ ହୋଇଥାଏ। ରୁଦ୍ରାକ୍ଷ ଏକମୁଖୀରୁ ଏକୋଇଶ ମୁଖୀ ରହିଛି।

ଧାର୍ମିକ ମାନ୍ୟତା ଅନୁସାରେ ଯେଉଁ ଘରେ ନିୟମିତ ରୁଦ୍ରାକ୍ଷ ପୂଜା ହୋଇଥାଏ। ସେଠାରେ ଅନ୍ନ, ବସ୍ତ୍ର, ଧନର ଅଭାବ ରହେନାହିଁ। ଏମିତି ଘରେ ସର୍ବଦା ମା ଲକ୍ଷ୍ମୀ ବାସ କରନ୍ତି। ବିଶ୍ୱାସ ରହିଛି ଯେ ରୁଦ୍ରାକ୍ଷ ଧାରଣ କରୁଥିବା ବ୍ୟକ୍ତି କିମ୍ବା ପୂଜା କରୁଥିବା ବ୍ୟକ୍ତି ଶେଷ ସମୟରେ ଶରୀରକୁ ତ୍ୟାଗ କରି ଶିବଲୋକରେ ସ୍ଥାନ ପ୍ରାପ୍ତ କରିଥାଏ। ପୁରାଣରେ ଉଲ୍ଲେଖ ରହିଛି ଯେ ସତୀଙ୍କ ଦେହ ତ୍ୟାଗରେ ଶିବ ଅତ୍ୟନ୍ତ ଦୁଖୀ ହୋଇଯାଇଥିଲେ। ଶିବଙ୍କ ଆଖିରୁ ଝରିଥିବା ଲୁହ ଯେଉଁଠାରେ ପଡିଥିଲା। ସେଠାରେ ରୁଦ୍ରାକ୍ଷ ଉତ୍ପତ୍ତ ହୋଇଥିଲା। ସେଥିପାଇଁ ଶନି ଚନ୍ଦ୍ରମାଙ୍କୁ ପୀଡିତ କରି ଆପଣଙ୍କୁ କଷ୍ଟ ଦିଅନ୍ତୁ, ରୁଦ୍ରାକ୍ଷ ସବୁ ଦୃଷ୍ଟିରୁ ଫଳଦାୟୀ ହୋଇଥାଏ।

ଯଦି କୁଣ୍ଡଳୀରେ କଳସର୍ପ ଦୋଷ ଥାଏ ଏବଂ ଜୀବନରେ ସମସ୍ୟା ଦେଖାଦିଏ ତାହେଲେ ରୁଦ୍ରାକ୍ଷ ଧାରଣ କଲେ ଅନୁକୂଳ ଫଳ ପ୍ରାପ୍ତ ହୋଇଥାଏ। ଯଦି କୌଣସି ଶୁଭ ଦିନରେ ଗଙ୍ଗା ସ୍ନାନ କରିବାକୁ ଚାହୁଁଛନ୍ତି ଏବଂ କୌଣସି କାରଣବଶତଃ ଗଙ୍ଗାକୂଳକୁ ଯାଇ ନ ପାରନ୍ତି ତାହେଲେ ରୁଦ୍ରାକ୍ଷକୁ ମୁଣ୍ଡରେ ରଖି ଭଗବାନ ଶିବଙ୍କୁ ଧ୍ୟାନ କଲେ ଗଙ୍ଗା ସ୍ନାନର ଫଳ ପ୍ରାପ୍ତ ହୋଇଥାଏ।

# ମଣିଷ ଭଳି ଆଚରଣ ଜରୁରୀ

ଋଗବେଦ୍‌ରେ ଏକ ମନ୍ତ୍ର ରହିଛି- ମନୁର୍ଭବ ଅର୍ଥାତ୍ ମନୁଷ୍ୟ ହୁଅ। ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତ୍‌ବଲେକର୍ ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ। ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ



ଉପସ୍ଥିତ ସମସ୍ତ ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି। ଯଦି ମାନବତା ନାହିଁ, ତା'ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ବା ଆଚରଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ।

ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ। ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହୀନ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଥିଲେ। ଆମେରିକାରେ ଉଦ୍‌ବୋଧନ ଦେବା ସମୟରେ ଋଗ୍‌ବେଦର 'ମନୁର୍ଭବ' ମନ୍ତ୍ରର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ। ଭାରତୀୟ ସଂସ୍କୃତି 'ଧର୍ମେଣ ହୀନଃ ପଶୁଭି ସମାନଃ'ର ବାର୍ତ୍ତା ଦେଇଥାଏ। କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକଙ୍କୁ ହିଁ ମାନବ କୁହାଯାଇପାରିବ। ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ। ମାନବ ସଂଯମୀ ହେବା ଉଚିତ୍। ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ। ସ୍ୱାମୀ ରାମତୀର୍ଥ ମଧ୍ୟ କହିଥିଲେ, ଗୁଣ ଏବଂ କର୍ମ ଆଧାରରେ ହିଁ ମନୁଷ୍ୟକୁ ଏହି ଲୋକରେ ମାନବ ଅଥବା ଦାନବର ସଞ୍ଜ୍ଞା ମିଳିଥାଏ। ସେଥିପାଇଁ କାହାରିକୁ ଦୁଷ୍କର୍ମ କରୁଥିବା ଦେଖିଲେ ଆପେ ଆପେ ପାଟିରୁ ବାହାରି ଆସିଥାଏ, ଇଏତ' ପଶୁ ଠାରୁ ମଧ୍ୟ ବଳିଯାଇଛି।

# ବୃହତ ତାଳତେଲ ବୃକ୍ଷରୋପଣ ଅଭିଯାନ

**ଭୁବନେଶ୍ୱର,୩।୮ (ମହାଭାରତ):** ମୟୂରଭଞ୍ଜ ଜିଲ୍ଲାର ବାରିପଦା ସବ୍‌ଡିଭିଜନ ଅନ୍ତର୍ଗତ ବେତନଟୀ ବ୍ଲକ ଅଧୀନରେ ଥିବା ଧନପୁର ଗ୍ରାମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ରାଜ୍ୟସ୍ତରୀୟ ବୃହତ ତାଳତେଲ ବୃକ୍ଷରୋପଣ ଅଭିଯାନ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହି ରାଜ୍ୟସ୍ତରୀୟ ଅଭିଯାନକୁ ଉଦ୍‌ଘାଟନ କରିବା ଅବସରରେ ତାଳତେଲର ଚାହିଦା, ରପ୍ତାନୀରେ ଓଡିଶାର ଲାଭ ଓ ଏହାର ବ୍ୟବହାରରେ ଲୋକଙ୍କର ଲାଭ ବିଷୟରେ ଉଲ୍ଲେଖ କରିଥିଲେ । ଗୋଟିଏ ତାଳତେଲ ଗଛରୁ ବାର୍ଷିକ ପ୍ରାୟ ୨ ହଜାର ଟଙ୍କା ଆୟ କରିହେବ ଏବଂ ଏକ ହେକ୍ଟର ଜମିରୁ ପ୍ରାୟ ୨ ଲକ୍ଷ ୮୦ ହଜାର ଟଙ୍କା ଆୟ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।




ଅନ୍ୟ ମାନଙ୍କ ମଧ୍ୟରେ ବାଲେଶ୍ୱର ସାଂସଦ, ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହିବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା କୁମାରୀ ସଞ୍ଜଲୀ ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଂସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଂସଦା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ବିଶ୍ୱେଶ୍ୱର ଟୁଡୁ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ତଥା ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଉକ୍ତ ଉଦଘାଟନୀ ଉତ୍ସବରେ ଅତିଥିମାନେ ତାଳତେଲର ଉତ୍କର୍ଷତା ଏବଂ ଏହି ଫସଲ ଚାଷ ଫଳରେ ଚାଷୀମାନେ କିପରି ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ଏବଂ ରୋଜଗାରକ୍ଷମ ହେବେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ ।

ପ୍ରକାଶଯୋଗ୍ୟ ଯେ ଆମ ରାଜ୍ୟର ୨୦ଟି ଜିଲ୍ଲାରେ ୧୧ଗୋଟି ତାଳତେଲ କମ୍ପାନି ସହଯୋଗରେ ଏହି ଫସଲ କାର୍ଯ୍ୟକ୍ରମ ଚାଲୁରହିଛି । ଆଜିର କାଯର୍ୟକ୍ରମରେ ୧୧ ଗୋଟି ତାଳତେଲ କମ୍ପାନୀ ତାଙ୍କର ପ୍ରଦର୍ଶନୀ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ଏହି ଫସଲର ପ୍ରଚାର ଓ ପ୍ରସାର ନିମନ୍ତେ କୃଷକମାନଙ୍କୁ ରାଷ୍ଟ୍ରୀୟ ଖାଦ୍ୟୋପଯୋଗୀ ତେଲ ମିଶନ-ତାଳତେଲ ଯୋଜନାରେ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ଏହି ରାଜ୍ୟସ୍ତରୀୟ ବୃହତ ତାଳତେଲ ବୃକ୍ଷରୋପଣ ଅଭିଯାନ ଉତ୍ସବ କାର୍ଯ୍ୟକ୍ରମରେ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁକାନ୍ତ କୁମାର ସୁବୁଦ୍ଧି, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଶ୍ରୀ ସୁବ୍ରତ କୁମାର ଚନ୍ଦ, ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ସିଦ୍ଧାର୍ଥ ବେହୁରା, ମୟୂରଭଞ୍ଜ ଉଦ୍ୟାନକୃଷି ନିର୍ଦ୍ଦେଶକ ଶ୍ରୀ ଟଙ୍କଧର କାଲୋ ପ୍ରମୁଖ ଯୋଗଦାନ କରିଥିଲେ । ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଅନ୍ୟୁନ ୩ ହଜାର ଚାଷୀ ଭାଇ ଓ ଭଉଣୀମାନେ ଯୋଗଦାନ କରି ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଓଡ଼ିଆ ଭାଷାରେ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ କାର୍ଯ୍ୟ

**ଭୁବନେଶ୍ୱର,୩।୮ (ମହାଭାରତ):** ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ହେବ । ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହଙ୍କ ଦ୍ୱାରା ଏ ସଂକ୍ରାନ୍ତୀୟ ଏକ ବିଭାଗୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହା ଆଧାରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ କାଯର୍ୟାଳୟର ନଥିପତ୍ର ଏବଂ ସମସ୍ତ ପତ୍ରାଳାପ ଓଡ଼ିଆ ଭାଷାରେ କରିବେ । ସମସ୍ତ ବୈଠକର ବିବରଣୀ ଓଡ଼ିଆରେ ଜାରି କରାଯିବ । ସମସ୍ତ ସଂକଳ୍ପପତ୍ର, ନିର୍ଦ୍ଦେଶନାମା ଏବଂ ଅନ୍ୟ ସମସ୍ତ ବିଭାଗୀୟ ପତ୍ରାଳାପ ମଧ୍ୟ ଓଡ଼ିଆ ଭାଷାରେ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଏହା ସହ କ୍ୟାବିନେଟ୍ ପାଇଁ ସମସ୍ତ ସ୍ମାରକପତ୍ର ଉଭୟ ଓଡ଼ିଆ ଏବଂ ଇଂରାଜୀରେ ପ୍ରକାଶ କରାଯିବ । ଏହି ସମସ୍ତ କାର୍ଯ୍ୟରେ ପ୍ରାଥମିକତା ଭିତ୍ତିରେ ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିଭାଗର ସମସ୍ତ ଅଧିକାରୀ, କ୍ଷେତ୍ର ଅଧିକାରୀ, ସର୍ବୋଚ୍ଚ ଯନ୍ତ୍ରୀ-୧, ସର୍ବୋଚ୍ଚ ଯନ୍ତ୍ରୀ-୨, ମୁଖ୍ୟମନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଆଦିଙ୍କ କାର୍ଯ୍ୟାଳୟ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



# ହତ୍ୟା ମାମଲାରେ ୧୪ ଜଣଙ୍କୁ ଆଜୀବନ ଜେଲ୍

**ଭୁବନେଶ୍ୱର,୩।୮ (ମହାଭାରତ):** ପାରଳାଖେମୁଣ୍ଡିରେ ଘଟିଥିବା ଏକ ହତ୍ୟା ମାମଲାରେ ୧୫ ବର୍ଷ ପରେ ଆଜି ରାୟ ପ୍ରକାଶ ପାଇଛି । ୧୪ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ପାରଳାଖେମୁଣ୍ଡି ଅତିରିକ୍ତ ଜିଲ୍ଲା ଦୌରା ଜଜ ପ୍ରଦୀପ କୁମାର ସାମଲ । ଏଥିସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ମଧ୍ୟ କରିଛନ୍ତି କୋର୍ଟ । ୨୦୦୯ ମସିହା ମାର୍ଚ୍ଚ ୧୨ ତାରିଖ ଦିନ ଥିଲା ରଙ୍ଗର ପର୍ବ ହୋଲି । ସେହିଦିନ ପୂର୍ବ ଶତ୍ରୁତାରୁ ଘାସି ସାହିର ସକଳମୁଖୀ ବଲ୍ଲଭ (୮୪), ଗୁରାଲୁ ବୁଡୁ (୫୬), ନାଗବଂଶ ନାଗାର୍ଜୁନ (୨୮), ପାଡାଲା ପ୍ରସାଦ (୪୭), ବାଦା ଜିଲିପି ଓରଫ ଜିଲିପି କ୍ରିଷ୍ଣା (୪୨), ନାଗବଂଶ ରାମସ୍ୱାମୀ (୩୬), ଲିଆରି ସୁରେଶ (୪୨), ନାଗବଂଶ ରାମକୃଷ୍ଣ (୩୪), ସକଳମୁଖୀ ମାଧବ (୨୬), ନାଗବଂଶ ସୀମାଦ୍ରୀ (୬୨), ହରିକୃଷ୍ଣ ନାଗବଂଶ (୫୦), ନାଗବଂଶ ପଦ୍ମନ (୪୧), ନାଗବଂଶ ରାଧାକାନ୍ତ (୪୩), ଗୁରାଲୁ ଗୋପାଳ (୬୨), ନାଗବଂଶ ଭାସ୍କର ଓ ଜଙ୍ଗମ ହରିନାଥ ବିଭିନ୍ନ ମାରଣାସ୍ତ୍ର ଧରି ଘରେ ପଶି ଆକ୍ରମଣ କରିଥିଲେ । ଏପରିକି ଜଣେ ମହିଳାଙ୍କୁ ଅସଦାଚରଣ କରିଥିଲେ ।

ଗଣ୍ଡଗୋଳ ସମ୍ପର୍କରେ ଖବର ପାଇ ଘଟଣା ସ୍ଥଳରେ ପୁଲିସ୍ ପହଞ୍ଚିଥିଲା । ଆହତ ମହିଳାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତଙ୍କ ମୃତ୍ୟୁ ଘଟିଥିଲା । ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ପ୍ରଥମେ ହତ୍ୟା ଉଦ୍ୟମ ଓ ପରେ ହତ୍ୟା ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏହି ମାମଲାରେ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କୋର୍ଟ ମାମଲା ବିଚାରାଧୀନ ଥିବା ବେଳେ ଅଭିଯୁକ୍ତ ନାଗବଂଶ ଭାସ୍କର ଓ ଜଙ୍ଗମ ହରିନାଥଙ୍କ ମୃତ୍ୟୁ ହୋଇଥିଲା ।

# କର୍ମଜୀବୀ ମା'ମାନଙ୍କ ପାଇଁ କ୍ରେଚ୍ ସହ ସ୍ତନ୍ୟପାନ ଗୃହ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩।୮ (ମହାଭାରତ):** ଭୁବନେଶ୍ୱରସ୍ଥିତ ରାଜ୍ୟ ସମାଜ କଲ୍ୟାଣ ବୋର୍ଡରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଶୁଭାରମ୍ଭ କରାଯାଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ମା' ଓ ଶିଶୁ ପାଇଁ ସ୍ତନ୍ୟପାନର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ । ଚଳିତ ବର୍ଷ 'ପ୍ରତିବନ୍ଧକ ଦୂର କରିବା, ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା' ଶୀର୍ଷକ ବିଷୟବସ୍ତୁକୁ ଗୁରୁତ୍ୱ ଦେଇ ସେ କହିଥିଲେ ଯେ ମା'ର କ୍ଷୀରରେ ଶିଶୁର ଏକଚାଟିଆ ଅଧିକାର ରହିଛି । ଶିଶୁର ଏହି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଆମେ ସମସ୍ତ ବ୍ୟବସ୍ଥାକୁ ସମାଜ ଅନୁକୂଳ କରିବା ସହିତ ସବୁ କାଯର୍ୟାଳୟରେ କର୍ମଜୀବୀ ମା'ମାନଙ୍କ ପାଇଁ କ୍ରେଚ୍ ସହ ସ୍ତନ୍ୟପାନ ଗୃହର ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା କରିବା ପାଇଁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣ ସ୍ଥାନରେ ଶୌଚାଳୟର ଯେତିକି ଆବଶ୍ୟକତା ରହିଛି, ସ୍ତନ୍ୟପାନ ଗୃହର ମଧ୍ୟ ସେତିକି ଆବଶ୍ୟକତା ରହିଛି । ବିଶ୍ୱ ସ୍ତନ୍ୟପାନ ସପ୍ତାହର ବ୍ୟାନର ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରଦର୍ଶିତ କରି ସ୍ତନ୍ୟପାନର ଉପକାରିତା ଏବଂ ଆବଶ୍ୟକତା ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ତୃଣମୂଳ ସ୍ତରରେ ସ୍ତନ୍ୟପାନ ଉପରେ ସଚେତନତା ସୃଷ୍ଟି ଦିଗରେ ଅଙ୍ଗନବାଡ଼ି କର୍ମୀ, ସହାୟିକା ଓ ମା'ମାନଙ୍କ ପରିବାର ସଦସ୍ୟଗଣ ସହଯୋଗର ହାତ ବଢ଼ାଇବାକୁ ମନ୍ତ୍ରୀ ପରିଡ଼ା ଅନୁରୋଧ କରିଛନ୍ତି ।

ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ନିମନ୍ତେ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରି କହିଲେ ଯେ ଶିଶୁର ବିକାଶ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ପୁଷ୍ଟିସାର ଓ ଭିଟାମିନ୍ ଆଦି ମା'କ୍ଷୀରରେ ପର୍ଯ୍ୟାପ୍ତ ପରିମାଣରେ ରହିଛି । ଏହାର କୌଣସି ବିକଳ୍ପ ନାହିଁ । କୁପୋଷଣ ଦୂର କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏଣୁ ସ୍ତନ୍ୟପାନ ଏକ ସୁସ୍ଥ ଶିଶୁ ପାଇଁ ଅତ୍ୟନ୍ତ ଜରୁରୀ । ସ୍ତନ୍ୟପାନ ଉପରେ ଜନସଚେତନତା ସୃଷ୍ଟି ପାଇଁ ଶ୍ରୀମତୀ ଶର୍ମା ମିଶନ ଶକ୍ତି ବିଭାଗ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ସହଯୋଗ କାମନା କରିଥିଲେ ।





ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡ. ଆଦିତ୍ୟ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ତନ୍ୟପାନ ଦ୍ୱାରା ଆମେ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ସମର୍ଥ ହୋଇପାରିବା ବୋଲି ମତବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ ଶିଶୁର ମସ୍ତିଷ୍କ ବିକାଶ ପାଇଁ ସଠିକ୍ ମାତ୍ରାରେ ମା'କ୍ଷୀର, ଉତ୍ତାପ ଓ ପରିଷ୍କାର, ପରିଚ୍ଛନ୍ନତାର ଗୁରୁତ୍ୱପୂର୍ଣ୍ଣ । ଶିଶୁ ଜନ୍ମ ହେବାର ଏକ ଘଣ୍ଟା ମଧ୍ୟରେ ତାକୁ ମା'କ୍ଷୀର ପିଆଇବା ନିହାତି ଜରୁରୀ । ଜନ୍ମରୁ ୬ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ମା'କ୍ଷୀର ଦେବା ଉଚିତ । ଏହା ଶିଶୁର ରୋଗପ୍ରତିଷେଧକ ଶକ୍ତି ବଢ଼ାଇବା ସହ ଶରୀରକୁ ପୋଷକ ତତ୍ତ୍ୱ ଯୋଗାଇଥାଏ । ମା'କୁ ସ୍ତନ୍ୟପାନ କରାଇବା ନିମନ୍ତେ ଏକାନ୍ତ ଓ ଅନୁକୂଳ ପରିବେଶ ନିହାତି ଆବଶ୍ୟକ ।

ଡେଲାଙ୍ଗ ବ୍ଲକ୍ ଅଧିନସ୍ଥ ବଙ୍ଗ୍ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ବନ୍ଦିତା ଜୟଦେବ ସ୍ତନ୍ୟପାନ ସଂପର୍କରେ ଅଙ୍ଗନବାଡ଼ି ତରଫରୁ ସଚେତନତା ସୃଷ୍ଟି ବାବଦରେ ନିଜର ଅଭିଜ୍ଞତା ଓ ଅନୁଭବ ବର୍ଣ୍ଣନା କରିଥିଲେ । ଘର ଘର ବୁଲି ମା'ମାନଙ୍କୁ ସ୍ତନ୍ୟପାନ ସମୟରେ ଜରୁରୀ ସତର୍କତା ଅବଲମ୍ବନର ଗୁରୁତ୍ୱ ଏବଂ ପରିବାର ଲୋକଙ୍କ ଭୂମିକା ବିଷୟରେ ଅବଗତ କରାଇଥିଲେ । ଏହି ଅବସରରେ ସୁସ୍ଥ ଶିଶୁ ନିମନ୍ତେ ଭୁବନେଶ୍ୱରର ଗାୟତ୍ରୀ କର (୯ ମାସ), ରତିକ୍ କୁମାର ସାହୁ (୧୧ ମାସ) ଓ ହିମାଂଶୁ ଶେଖର ପରିଡ଼ା (୨ ବର୍ଷ ୧୧ ମାସ)ଙ୍କୁ ପୁରସ୍କୃତ କରାଯାଇଥିଲା । ସମାଜ କଲ୍ୟାଣ ବୋର୍ଡ ତଥା ସମନ୍ୱୟ ଶିଶୁ ବିକାଶ ପ୍ରକଳ୍ପର ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ସ୍ୱାଗତ ଅଭିଭାଷଣ ରଖିଥିଲେ ।

# ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ବୈଜ୍ଞାନିକ ଡ. ସୌମ୍ୟା ସ୍ୱାମୀନାଥନ

**ଭୁବନେଶ୍ୱର,୩।୮ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ପ୍ରମୁଖ ବୈଜ୍ଞାନିକ ତଥା ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ (ଏମ୍‌ଏସ୍‌ଏସ୍‌ଆର୍‌ଏଫ୍)ର ଅଧ୍ୟକ୍ଷା ଡ. ସୌମ୍ୟା ସ୍ୱାମୀନାଥନ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା କରିଛନ୍ତି । ଚେନ୍ନାଇଠାରେ ଅଗଷ୍ଟ ୭ ଓ ୮ ତାରିଖରେ ହେବାକୁ ଥିବା କ୍ଷୁଧାମୁକ୍ତ ବିଶ୍ୱ ଉପରେ ଆଧାରିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେବା ପାଇଁ ଡ. ସ୍ୱାମୀନାଥନ ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ଆମନ୍ତ୍ରଣ କରିଥିଲେ । ସଚିବାଳୟସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ଆଲୋଚନାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପାରମ୍ପରିକ କୃଷି ଓ ଜୈବିକ କୃଷି ପ୍ରଣାଳିରେ ଧାନ, ମୁଗ, ବିରି, ମାଣ୍ଡିଆ ଏବଂ ଅନ୍ୟାନ୍ୟ ଶସ୍ୟଜାତୀୟ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାର ଖୁବ୍‌ଶୀଘ୍ର ଏନେଇ ଯୋଜନା କରୁଛନ୍ତି ଏବଂ ଏହା ଦ୍ୱାରା ସମୟକ୍ରମେ ବିଲୁପ୍ତ ହୋଇଯାଉଥିବା ପାରମ୍ପାରିକ ବିହନଗୁଡ଼ିକର ସଂରକ୍ଷଣ ହୋଇପାରିବ । ସ୍ୱଦେଶୀ ବିହନରୁ ଉତ୍ପାଦିତ ହୋଇଥିବା ଧାନ, ଗହମ, ମାଣ୍ଡିଆ, ଡାଲିଜାତୀୟ ଶସ୍ୟର ବଜାରୀକରଣ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରେ ବିକ୍ରୟ ଶାଖା ଖୋଲିବା ପାଇଁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ । ଲୋକମାନେ ଏହିସବୁ ଶସ୍ୟକୁ ବ୍ୟବହାର କଲେ ହିଁ ଏହାର ଗୁଣବତ୍ତା ଓ ପୌଷ୍ଟିକତା ବାବଦରେ ଅବଗତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ଉଲ୍ଲେଖ କରିଥିଲେ ।



ଆଲୋଚନାବେଳେ କୋରାପୁଟର ଜୟପୁରଠାରେ ଅବସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ (ଏମ୍‌ଏସ୍‌ଏସ୍‌ଆର୍‌ଏଫ୍)କୁ ଅନ୍ତର୍ଜାତୀୟ କୃଷକ ପ୍ରଶିକ୍ଷଣ କେନ୍ଦ୍ରରେ ପରିଣତ କରିବାକୁ ଡ. ସ୍ୱାମୀନାଥନ୍ ପ୍ରସ୍ତାବ ଦେଇଥିଲେ । ଏବେ ସରକାର କେବଳ ଫସଲର ଉତ୍ପାଦନ କ୍ଷମତା ଉପରେ ଧ୍ୟାନ କେନ୍ଦ୍ରିତ ନକରି ଏହାର ପୁଷ୍ଟିକର ତତ୍ତ୍ୱ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ଏହା ଫଳରେ ମାଟିର ଗୁଣବତ୍ତା, ସ୍ୱାସ୍ଥ୍ୟ ଓ ପରିବେଶ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରିବ ବୋଲି ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ କହିଥିଲେ । ଜୈବିକ ଓ ପାରମ୍ପାରିକ ପ୍ରଣାଳୀରେ ପୁଷ୍ଟିକର ଶସ୍ୟ ଉତ୍ପାଦନ କରୁଥିବା କୃଷକମାନଙ୍କୁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଡ. ସ୍ୱାମୀନାଥନ ବର୍ତ୍ତମାନ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଜାତୀୟ ଟିବି ନିରାକରଣ ଯୋଜନାର ପ୍ରମୁଖ ଉପଦେଷ୍ଟା ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି ।

# 'ସମ୍ବଲପୁରୀ ସଂସ୍କୃତି, ଅନ୍ୟର ସୁଖରେ ଖୁସି ହେବାର ସଂସ୍କୃତି' : ଧର୍ମେନ୍ଦ୍ର

**ଭୁବନେଶ୍ୱର,୩।୮ (ମହାଭାରତ):** ସମ୍ବଲପୁର ଲୋକସଭା ସାଂସଦ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ଜାରି କରି ସମ୍ବଲପୁରୀ ଭାଷାରେ 'ସମ୍ବଲପୁରୀ ଦିନ୍'ର ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ସମ୍ବଲପୁରୀ ସାହିତ୍ୟର ପ୍ରଖ୍ୟାତ ସାଧକ ଗୁରୁ ଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

ଧର୍ମେନ୍ଦ୍ର ପ୍ରଧାନ ବାର୍ତ୍ତାରେ କହିଛନ୍ତି ଯେ, ଆଜି ହେଉଛି ୧ ଅଗଷ୍ଟ- ସମ୍ବଲପୁରୀ ଦିନ୍ । ଗୁରୁ ଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କର ପବିତ୍ର ଜନ୍ମ ଦିନ । ସେହି ଯୁଗଜନ୍ମାଙ୍କୁ ମୋର ଭକ୍ତି ଅର୍ଘ୍ୟ ଅର୍ପଣ କରୁଛି । ଗୁରୁ ଶ୍ରୀ ସତ୍ୟ ନାରାୟଣଙ୍କର ଜୀବନ ସମ୍ବଲପୁରୀ ଭାଷା, ସାହିତ୍ୟ ଆଉ ସଂସ୍କୃତି ପ୍ରତି ସମର୍ପିତ ଥିଲା । ସମ୍ବଲପୁରୀ ଭାଷା, ସଂସ୍କୃତି ଏବଂ ସାହିତ୍ୟର ଗରିମା ବୃଦ୍ଧି ଦିଗରେ ତାଙ୍କର ତ୍ୟାଗ ଓ ବଳିଦାନ ସବୁଦିନ ପାଇଁ ମନେ ରହିବ । ତାଙ୍କର ପବିତ୍ର ଜନ୍ମଦିନ 'ସମ୍ବଲପୁରୀ ଦିନ' ଭାବରେ ପାଳନ ହୋଇ ସମ୍ବଲପୁରୀ ଭାଷା ସାହିତ୍ୟ ଏବଂ ସଂସ୍କୃତି ସମଗ୍ର ଦୁନିଆକୁ ମହକାଇ ଦେଇଛି । ଏଥିପାଇଁ ଓଡିଶାର ଅଗ୍ରଣୀ ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଳ ଏକ୍ତା ମଂଚ୍‌ର ଉଦ୍ୟମ ଓ ଲୋକମାନଙ୍କର ସହଯୋଗ ବହୁତ ପ୍ରଶଂସନୀୟ ।

ସମ୍ବଲପୁରୀ ସଂସ୍କୃତି ଓ ଇତିହାସ ଉପରେ ଉଚ୍ଚସ୍ତରୀୟ ଗବେଷଣା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଆଇଆଇଏମ୍ ସମ୍ବଲପୁର ଠାରେ 'ରଙ୍ଗବତୀ ସେଂଟର୍ ଫର୍ ଏକ୍ସଲେନ୍ସ' ସ୍ଥାପିତ ହୋଇଛି, ଯାହା ବହୁତ ଆନନ୍ଦ ଓ ଗର୍ବର କଥା । ସମ୍ବଲପୁରୀ ସଂସ୍କୃତି, ଅନ୍ୟର ସୁଖରେ ଖୁସି ହେବାର ସଂସ୍କୃତି । ଏହି କଥାକୁ ସାରା ଦୁନିଆରେ ପ୍ରଚାର ପ୍ରସାର କରିବା । ଚଳିତବର୍ଷ ମଧ୍ୟ ସମସ୍ତେ ମିଳିମିଶି କରି ସମ୍ବଲପୁରୀ ଅସ୍ମିତାର ଦିନ - ସମ୍ବଲପୁରୀ ଦିନ୍ ପାଳନ କରିବା ସହ ସମାଜରେ ଭାଇଚାରାକୁ ବଢାଇବା । ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତିକୁ ଆଗକୁ ବାଇବା ଦିଗରେ ଏହି କାମ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ଲାଗି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

## *ପତ୍ନୀଙ୍କୁ ୩୩ ଥର ଛୁରୀ ଭୁଷି ହତ୍ୟା*

# ହତ୍ୟାକାରୀ ସ୍ୱାମୀଙ୍କୁ ଫାଶୀ ଦଣ୍ଡାଦେଶ

**ଭୁବନେଶ୍ୱର,୩।୮ (ମହାଭାରତ):** ସ୍ତ୍ରୀକୁ ନିର୍ମମ ହତ୍ୟା ମାମଲାରେ ସ୍ୱାମୀକୁ ଫାଶୀ ଦଣ୍ଡାଦେଶ ଶୁଣାଇଲେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦ୍ୱିତୀୟ । ମୃତ୍ୟୁ ଦଣ୍ଡାଦେଶ ପରେ ପେନ୍ ଭାଙ୍ଗିଥିଲେ ଜଜ୍ । ସର୍ବନିମ୍ନ ଦଣ୍ଡାଦେଶ ପାଇଁ ଯୁକ୍ତି କରିଥିଲେ ଅଭିଯୁକ୍ତଙ୍କ ଓକିଲ କିନ୍ତୁ ଅପରାଧର ଗମ୍ଭୀରତା ବିଚାର କରିବା ପାଇଁ ଯୁକ୍ତି କରିଥିଲେ ସରକାରୀ ଓକିଲ । ୨୦୨୨ ମସିହା ଜୁନ୍ ୯ରେ ଭୁବନେଶ୍ୱର ଭରତପୁର ଅଞ୍ଚଳରେ ଏକ ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏହି ଅଞ୍ଚଳରେ ସଞ୍ଜିତ ଦାସ ନିଜ ସ୍ତ୍ରୀ ଓ ୬ ବର୍ଷର ଝିଅ ସହ ବସବାସ କରୁଥିଲେ । ନିଶା ପାଇଁ ନିଜ ସ୍ତ୍ରୀକୁ ନିର୍ମମ ଭାବେ ୩୩ ଥର ଛୁରୀ ଭୂଷି ହତ୍ୟା କରିଥିଲେ । ଏହା ପରେ ସେ ତାଙ୍କ ଝିଅର ତଣ୍ଟି କାଟି ମାରିଦେବାକୁ ଉଦ୍ୟମ କରିଥିଲେ କିନ୍ତୁ ସୌଭାଗ୍ୟବଶତଃ ସେ ବଞ୍ଚିଯାଇଥିଲେ । ଛୋଟ ଝିଅକୁ ଜୀବନ ଫେରି ପାଇବାକୁ ପ୍ରାୟ ୩ ମାସ ସମୟ ଲାଗିଥିଲା । ଏହା ପରେ ଭରତପୁର ଥାନା ପୋଲିସ ଅଭିଯୁକ୍ତ ସଞ୍ଜିତ ଦାସଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଥିଲା । ତେବେ ମୃତ ସ୍ତ୍ରୀଙ୍କ ନାଁ ହେଉଛି ସରସ୍ୱତୀ ଦାସ । ବର୍ତ୍ତମାନ ଭୁବନେଶ୍ୱର ଏଡିଜେ ୨ ଅଦାଲତ ମାମଲାର ଶୁଣାଣି କରି ଅଭିଯୁକ୍ତ ସ୍ୱାମୀକୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତ ଜଣଙ୍କ ନିଜ ସ୍ତ୍ରୀକୁ ହତ୍ୟା କରିନାହିଁ ବରଂ ଜଣେ କୋମଳ ଶିଶୁଙ୍କ ଠାରୁ ତାଙ୍କ ମାଆ ଛଡ଼ାଇ ନେଇଛି । ତେଣୁ ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ।

# ପର୍ବତାରୋହଣୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୩।୮ (ମହାଭାରତ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ହୀରାପୁର ସ୍ଥିତ ପ୍ରସିଦ୍ଧ ତନ୍ତ୍ରପୀଠ ମହାମାୟା ଚଉଷଠି ଯୋଗିନୀ ମନ୍ଦିର ଅତିଥି ଭବନରେ ଶୁକ୍ରବାର ମଧ୍ୟାହ୍ନରେ ପର୍ବତାରୋହଣୀ ବିଭାରାଣୀ ପାତ୍ରଙ୍କୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ଓ ଗ୍ରୀନ ଜୟଦେବ ଫାଉଣ୍ଡେସନ ଆନୁକୁଲ୍ୟରେ ଚଳିତ ମାସ ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଇରୋପ ମହାଦେଶର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ ଏଲବ୍ରସ ଯାହାର ଉଚ୍ଚତା ୫୬୪୨ମି ଜୟ ଯାତ୍ରା କରିବା ନେଇ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ବିଭାରାଣୀ ଖୁବ୍ କମ ବୟସରେ ନିଜର ନିଷ୍ଠାପର ଓ କଠିନ ପରିଶ୍ରମ ଫଳରେ ବିଗତ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ସହ କୃତ କାର୍ଯ୍ୟ ହୋଇ ଓଡ଼ିଶା ତଥା ଭାରତ ବର୍ଷରେ ଜଣେ ସଫଳ ପର୍ବତାରୋହିଣୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ତାଙ୍କର ଜନ୍ମ ସ୍ଥାନ ଢେଙ୍କାନାଳ ଜିଲ୍ଲାର ଏକ ମଧ୍ୟ ପରିବାର କ୍ଷୁଦ୍ର ଗ୍ରାମରେ ହେଲେ ମଧ୍ୟ ଏକାଧାରରେ ସମରକଳା ସହିତ ସମାଜସେୀ ଭାବରେ ଓଡ଼ିଶାର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସୁପରିଚିତ । ତାଙ୍କର ଯାତ୍ରା ସଫଳତା ନେଇ ମା ମହାମାୟା ଓ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ତାଙ୍କର ସଫଳତା କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟ ତଥା ସମାଜସେବୀ ରଞ୍ଜନ କୁମାର ମହାପାତ୍ର ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ,ମୁଖ୍ୟବକ୍ତା ଭୁବନେଶ୍ୱର ସାଂସଦଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ଶିବ ମଲ୍ଲିକ ଯୋଗଦେଇ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରି କିଭଳି ଜୀବନରେ ସଫଳ ହୋଇ ନିଜର ଜାତୀୟ ପତାକା ତିରଙ୍ଗା ଶୃଙ୍ଗ ଶୀର୍ଷରେ ଉଡାଇବେ ସଫଳତା କାମନା କରିଥିଲେ । କାଞ୍ଚନ ଫାଉଣ୍ଡେସନ ତରଫରୁ ପାଞ୍ଚ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ଅନ୍ୟତମ ଅତିଥି ଭାବେ ସମାଜସେବୀ ବିଜୟ କୁମାର ମହାରଣା, ସମାଜସେବୀ, ବ୍ରଜବନ୍ଧୁ ଠାକରେ, ନିଜ ବକ୍ତବ୍ୟ ମାଧ୍ୟମରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଦୀପକ ସ୍ୱାଇଁ ସହଯୋଗ କରିଥିବା ବେଳେ ତାପସ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଛତିଶଗଡରୁ ଭାସି ଓଡିଶାରେ ଲାଗିଲେ ମହିଳା

**ଭୁବନେଶ୍ୱର,୩।୮ (ମହାଭାରତ):** କଥାରେ ଅଛି ଯାହାକୁ ରଖେ ହରି, କିଏ ବା ପାରିବ ତରି.. । ସେମିତି ଜଣେ ମହିଳା ନିଜ ଜୀବନ ବଳରେ ଛତିଶଗଡରୁ ସୁଦୂର ୬୦ କିଲୋମିଟର ମହାନଦୀରେ ଭାସି ଭାସି ଆସି ଓଡିଶାରେ ଲାଗିଛନ୍ତି । ୬୦ କିଲୋ ମିଟର ଭାସିବା ପରେ କିଛି ମତ୍ସଜୀବି ତାଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି । ତେବେ ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡର ପୁରଥର ସରୋଜିନୀ ରଣବୀର ନାମକ ଜଣେ ମହିଳା ମହାନଦୀରେ ପ୍ରାୟ ୬୦ କିଲୋମିଟର ଭାସି ଆସି, ଆଜି ସକାଳୁ ସକାଳୁ ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ପଲସଦା ଦେଇ ଯାଇଥିବା ମହାନଦୀ କୂଳରେ ଲାଗିଥିଲେ ।

ସେଠାକୁ ମାଛ ଧରି ଯାଇଥିବା କିଛି ମତ୍ସଜୀବିମାନେ ତାଙ୍କୁ ଦେଖିବା ପରେ ସେଠାରୁ ଉଦ୍ଧାର କରିଥିଲେ । ତେବେ ଉଦ୍ଧାର ସମୟରେ ତାଙ୍କ ଗୋଡରେ ଲୁହା କଡି ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା । ତେବେ କେଉଁ ପରିସ୍ଥିତିରେ ସେ ଭାସିଆସିଥିବା ଜଣାପଡିନଥିଲେ ମଧ୍ୟ ତାଙ୍କର ମାନସିକ ଅବସ୍ଥା ଠିକ୍ ନଥିବା ଅନୁମାନ କରାଯାଉଛି ।

ତେବେ କହିରଖୁଛୁ, ଠିକ୍ ଏହିପରି ସମାନ ଘଟଣା ୪ ବର୍ଷ ତଳେ ଘଟିଥିଲା । ୨୦୨୦ ମସିହାରେ ସୋନି ଯାଦବ ନାମକ ଜଣେ ଯୁବତୀ ଛତିଶଗଡରୁ ମହାନଦୀରେ ଭାସି ଆସି ଓଡିଶା ସୀମାବର୍ତ୍ତୀ କୁସୁମେଲଠାରେ ଲାଗିଥିଲେ । ତେବେ ସେତେବେଳେ ତାଙ୍କୁ ଉଦ୍ଧାର କରାଯିବା ପରେ ତତ୍କାଳୀନ ବ୍ରଜରାଜନଗରର ବିଧାୟକ କିଶୋର ମହାନ୍ତି ତାଙ୍କୁ ଝିଅ ଭାବେ ଗ୍ରହଣ କରି ପରେ ତାଙ୍କର ବିବାହ ମଧ୍ୟ କରାଇଥିଲେ ।

# ଆର୍ଥିକ ଓ ବାଣିଜ୍ୟିକ ସମ୍ପର୍କ

ମୋଦିଙ୍କ ରଷିଆ ଗସ୍ତକୁ ଅନେକ ଦୃଷ୍ଟିରୁ ଏତିହାସିକ ବୋଲି କୁହାଯାଇପାରେ। ଏହା ଦ୍ୱାରା ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜବୁତ ହୋଇଛି। ଗତ ୧୦ ବର୍ଷ ହେବ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ପୂର୍ବାପେକ୍ଷା ଅଦ୍ୱକ ସୁଦୃଢ଼ ହୋଇଛି ଏବଂ ଉଭୟ ଦେଶ ମଧ୍ୟରେ ଆର୍ଥିକ ଓ ବାଣିଜ୍ୟିକ ସମ୍ପର୍କ ଆଗକୁ ବଢ଼ିଛି। କହିବା ବାହୁଲ୍ୟ ଯେ, ଆମେରିକା ହେଉଛି ଭାରତର ବୃହ□ମ ବାଣିଜ୍ୟିକ ସହଯୋଗୀ। ଆମେରିକାରେ ସର୍ବାଧିକ ପ୍ରବାସୀ ଭାରତୀୟ ଅଛନ୍ତି। ଭାରତର ଫୋରେକ୍ସ ରିଜର୍ଭ ଆମେରିକା ଉପରେ ଅନେକାଂଶରେ ନିର୍ଭର କରିଥାଏ। କିନ୍ତୁ ଆମେରିକା ସବୁ ବେଳେ ଭାରତ ସହ ବେପାର କରିଆସିଛି। ବିପଦ ବେଳେ ଆମେରିକା କେବେ ବି ଭାରତକୁ ବିପଦ ବେଳେ ସହାୟତା କରିନି। ବରଂ ରଷିଆ ଭାରତକୁ ସବୁ ବେଳେ ବିପଦ ବେଳେ ସହଯୋଗର ହାତ ବଢ଼ାଇଛି। ପାକିସ୍ତାନରେ ଆତଙ୍କବାଦୀ କାର୍ଯ୍ୟକଳାପ କେବଳ ଆମେରିକାର ସହଯୋଗରେ ସମ୍ଭବ ହୋଇଛି। ଆମେରିକା ସହ ଭାରତର ସମ୍ପର୍କରେ ସୁଧାର ଆସିବା ପରେ ଅନେକ ଭାବୁଥିଲେ ଯେ, ଭାରତର ବୈଦେଶିକ ନୀତିରେ ପରିବ□ନ ହୋଇଛି ଏବଂ ରଷିଆ ପରିବ□ ଆମେରିକାକୁ ଭାରତ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି। ରଷିଆଠାରୁ ଭାରତ ଦୁରେଇ ଯାଉଛି ବୋଲି ଅନେକ ବିଚାର କରୁଥିଲେ। ଏଥିରେ କିଛିଟା ସତ୍ୟତା ମଧ୍ୟ ରହିଥିଲା। ଆମେରିକା ସହ ଭାରତର ସମ୍ପର୍କ ସୁଦୃଢ଼ ହେବା ଅନୁଭବ କରି ରଷିଆ ପାକିସ୍ତାନ ପଟକୁ ଢଳିଥିଲା। କିନ୍ତୁ ସମୟକ୍ରମେ ଏହି ଆକଳନ ଭୁଲ ପ୍ରମାଣିତ ହୋଇଛି। ରଷିଆ ଏବେ ବି ଭାରତର ଏକନମ୍ବର ବନ୍ଧୁ ରାଷ୍ଟ୍ର ଏବଂ ଏହାର ଆବଶ୍ୟକତା ମଧ୍ୟ ରହିଛି। ପାକିସ୍ତାନ ଓ ଚୀନ ସହ ଭାରତର ଶତ୍ରୁତା ଏବଂ ସାମରିକ ମୁକାବିଲା ଦୃଷ୍ଟିରୁ ରଷିଆ ସହିତ ସୁ ସମ୍ପର୍କ ନିହାତି ଜରୁରୀ। ବିଶେଷ କରି ଚୀନ ସହ ଭାରତର ସୀମା ବିବାଦ ବହୁ ବର୍ଷ ହେବ ଲାଗି ରହିଛି। ଏହାର ମୁକାବିଲା ଲାଗି ରଷିଆର କୂଟନୈତିକ ସମର୍ଥନ ଜରୁରୀ। ସେଥିପାଇଁ ଚୀନ ଆଜି ପର୍ଯ୍ୟନ୍ତ ଭାରତ ସହ ସମ୍ମୁଖ ଯୁଦ୍ଧ କରିବାକୁ ସାହସ କରିପାରିନାହିଁ। ୨୦୨୨ରେ ୟୁକ୍ରେନ ଉପରେ ରଷିଆର ଆକ୍ରମଣ ପରେ ଭାରତ ଓ ରଷିଆ ମଧ୍ୟରେ କୂଟନୈତିକ ସମ୍ପର୍କରେ ନୂଆ ଅଧ୍ୟାୟ ଆରମ୍ଭ ହେଲା। ଆମେରିକା ଓ ଏହାର ବନ୍ଧୁ ରାଷ୍ଟ୍ରମାନେ ଯେତେବେଳେ ରଷିଆ ବିରୋଧରେ ଏକାଠି ହୋଇ ଅର୍ଥନୈତିକ କଟକଣା ଲାଗୁ କଲେ ସେତେବେଳେ ଭାରତ ଜାତିସଂଘ ଏବଂ ଅନ୍ୟ ଅନ୍ତର୍ଜାତୀୟ ଫୋରମରେ ରଷିଆକୁ କୂଟନୈତିକ ସମର୍ଥନ କରି ପୁରା ଖେଳ ବଦଳାଇଦେଲା। ଯଦି ସେତେବେଳେ ଭାରତ ରଷିଆର ହାତ ଛାଡ଼ି ଦେଇଥାଆନ୍ତା ତେବେ ଏହାର ସୁଯୋଗ ପାକିସ୍ତାନ ନେଇଥାଆନ୍ତା। କିନ୍ତୁ ରଷିଆକୁ ସମର୍ଥନ ପ୍ରଦାନ କରି ମସ୍କୋକୁ ଋଣୀ କରିଦେଲା। ପ୍ରତିବଦଳରେ ଭାରତ ରଷିଆରୁ କେବଳ ରିହାତିରେ ତେଲ କିଣୁ ନାହିଁ, ଦୁଇ ଦେଶ ମଧ୍ୟରେ ସମ୍ପର୍କ ଚିରସ୍ଥାୟୀ ବୋଲି ପ୍ରମାଣିତ କରିଛି। ଅତୀତରେ ଯେତେବେଳେ ଜାତିସଂଘରେ ଭାରତ ବିରୋଧୀ ପ୍ରସ୍ତାବ ଆସିଛି ସେତେବେଳେ ଭାରତକୁ ରଷିଆ ହିଁ ସମର୍ଥନ କରି କରିଛି। ରଷିଆ ପାଇଁ ଅନେକ ଥର ଜାତିସଂଘରେ ଭାରତ ବିରୋଧୀ ପ୍ରସ୍ତାବ କାଟ ଖାଇଛି। ଆମେରିକା ଓ ଏହାର ସହଯୋଗୀ ମାନଙ୍କ ରଷିଆ ବିରୋଧୀ ଆଭିମୁଖ୍ୟକୁ ସମର୍ଥନ କରି ଭାରତ ସଠିକ ପଦକ୍ଷେପ ନେଇଛି। ତେବେ ପ୍ରଧାନମନ୍ତ୍ରୀ ତାଙ୍କ ମସ୍କୋ ଗସ୍ତ ବେଳେ ୟୁକ୍ରେନ ସହ ଯୁଦ୍ଧର ପରିସମାପ୍ତି ଲାଗି ଆହ୍ୱାନ ଦେଇ ପ୍ରମାଣିତ କରିଛନ୍ତି ଯେ, ଭାରତ ଆଖିବୁଜି ରଷିଆକୁ ସମର୍ଥନ କରୁନାହିଁ କିମ୍ବା ୟୁକ୍ରେନରେ ଗଣହତ୍ୟାକୁ ସମର୍ଥନ କରୁନାହିଁ। ଭାରତ ସବୁ ବେଳେ ଶାନ୍ତି ଚାହେଁ।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

॥ ଡାକ୍ତର କାନ୍ତୀ ନାୟକ ॥

> *ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଅବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।*

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗୀଙ୍କୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ଘେରାଏ ପୃଥିବୀର ଅସରନ୍ତି ମଣିଷ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି । ଦୂର ଯେତିକି, ନିକଟ ବି ସେତିକି । ଚିହ୍ନା ଯେତିକି, ଅଚିହ୍ନା ବି ସେତିକି । କୁଳାଣ ଯେତିକି ଅକୁଳଣ ବି ସେତିକି । ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ । ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଲଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ । ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଲଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଙ୍ଗମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ । ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଝଲିଛି ନିକର" (ଲେଖକ-ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଅଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ । ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଲୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ଼୍‌ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଝଲି ଝଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ । ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖିନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ । ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ"। ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି!

**ବିଷମ କଟକ, ରାୟଗଡ**


# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

॥ ବାଦଲ ଭୂୟାଁ ॥

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫





# ଚାନ୍ଦା ଆଦାୟ କରି ପୁଲିସ ବାବୁ ଗିରଫ



**ନୟାଗଡ଼,(ମହାଭାରତ) :** ଗତ ମାସରେ ନୟାଗଡ଼ ପୁଲିସକୁ ମିଳିଛି ବଡ଼ ସଫଳତା। ଆଜି ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲାର ପ୍ରତ୍ୟେକ ଥାନାରେ ହୋଇଥିବା ସଫଳତା ସମ୍ପର୍କରେ ସୂଚନା ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଣେ ପୁଲିସ ବାବୁ ଚାନ୍ଦା ଆଦାୟ କରି ସସ୍ପେଣ୍ଡ ହେବା ସହ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଓଡ଼ଗାଁ ଥାନାରେ କଦଳୀବନ୍ଧ ଗ୍ରାମର କାଳୁ ପ୍ରଧାନ ଙ୍କ ଠାରୁ ଚାନ୍ଦା ଆଦାୟ ନିମନ୍ତେ ଏକ ଅଭିଯୋଗ କରିଥିଲେ। ପୁଲିସ ବାବୁ ତାଙ୍କୁ ୫ ହଜାର ଟଙ୍କା ଚାନ୍ଦା ମାଗିଥିଲେ। ପୁଲିସ ବାବୁ ଦିଲ୍ଲିପ କୁମାର ନାହାକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଭାବେ ନୂଆଗାଁ ଥାନା ପକ୍ଷରୁ ନକଲି ଜନ୍ମ ମୃତ୍ୟୁ ସାର୍ଟିଫିକେଟ ଦେଇ ଜଣଙ୍କୁ ପୁଲିସ ଗିରଫ କରିଛି। ସୂଚନା ଅନୁସାରେ ଜଗତସିଂପୁର ଜିଲ୍ଲା କୁଜଙ୍ଗ ଥାନା ଅଗପଡା ଗ୍ରାମର କାଳନ୍ଦୀ ଚରଣ ସାହୁଙ୍କ ପୁଅ ସୁଧିର କୁମାର ସାହୁ ଜାଲ ମୃତ୍ୟୁ ସାର୍ଟିଫିକେଟକୁ ନେଇ ନୟାଗଡ଼ ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ କରିଥିଲେ। ଅମୁଲ୍ୟ ନିଶଙ୍କଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ଜାନକୀ ନିଶଙ୍କଙ୍କର ମୃତ୍ୟୁ ସାର୍ଟିଫିକେଟ ଆବଶ୍ୟକ ପଡିଥିଲା। ଅଭିଯୁକ୍ତ ତାଙ୍କୁ ଏକ ଜାଲ ସାର୍ଟିଫିକେଟ ଦେଇଥିବାର ଜଣା ପଡିଥିଲା। ଲେବର କାର୍ଡରେ ସହାୟତା ପାଇବା ପାଇଁ ସେ ମୃତ୍ୟୁ ସାର୍ଟିଫିକେଟ ବାହାର କରିବା ପାଇଁ ଅଭିଯୁକ୍ତ ତାଙ୍କ ଠାରୁ ୧୦୦୦ ଟଙ୍କା ନେଇ ମୃତ୍ୟୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଭେରିଫିକେସନ ବେଳେ ଏହା ଜାଲ ବୋଲି ଜଣା ପଡିଥିଲା। ନୟାଗଡ଼ ପୁଲିସ ପକ୍ଷରୁ ତଦନ୍ତ କରାଯାଇ ନୂଆଗାଁ ଥାନା ନୂଆ ସାହିର ବିଜୟ କୁମାର ମହାନ୍ତିଙ୍କ ପୁଅ ସଞ୍ଜୟ ମହାନ୍ତିଙ୍କୁ ପୁଲିସ ଗିରଫ କରିଛି। ସଞ୍ଜୟ ନୂଆଗାଁ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ସାମ୍?ନାରେ ଏକ କମ୍ପ୍ୟୁଟର ଦୋକାନ ଦେଇଛନ୍ତି। ପୁଲିସ ପକ୍ଷରୁ କିଉଆରକୋଡ୍ ମାଧ୍ୟମରେ ତଦନ୍ତ କରି ଅଭିଯୁକ୍ତ ସଞ୍ଜୟକୁ ଗିରଫ କରିଛି। ତାଙ୍କ ଠାରୁ ଏକ ଏଲଜି କମ୍ପାନିର କମ୍ପ୍ୟୁଟର, କଲର ପ୍ରିଣ୍ଟର, ସିପିୟୁ, କି ବୋର୍ଡ, ମାଉସ, ପାୱାର କେବୁଲ ମନିଟର ଓ କନେକ୍ଟରକୁ ପୁଲିସ ଜବତ କରିଛି। ନୂଆଗାଁ ଥାନାରେ କେସ୍ ନଂ ୧୩୯ରେ ମାମଲା ରୁଜୁ କରାଯାଇ ସଞ୍ଜୟକୁ ଗିରଫ କରିବା ସହ କୋର୍ଟ ଫରୱାର୍ଡ କରିଛି। ସଞ୍ଜୟ ଏଥି ସହ ଏହା ପୂର୍ବରୁ ଜଣଙ୍କୁ ଜନ୍ମ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହା ମଧ୍ୟ ନକଲି ଥିଲା ବୋଲି ଜଣା ପଡିଛି। ଗତ କାଲି ଦଶପଲ୍ଲା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୬୦ କେଜି ଗଞ୍ଜେଇ ଜବତ କରିବା ସହ ଏକ କର୍ କୁ ଜବତ କରିଛି। ଏଥି ସହିତ ତାଙ୍କ ଠାରୁ ଦୁଇ ଗୋଟି ମୋବାଇଲ ଫୋନ ଜବତ କରାଯାଇଛି। ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ମାନେ ହେଲେ ଡିହଗାଁର ମୁକେଶ କୁମାର ନନ୍ଦ, ମଧ୍ୟଖଣ୍ଡ ବଡ଼ ସାହିର ଅରୁଣ କୁମାର ପ୍ରଧାନ, ନେଳିଗୁଡା ଗ୍ରାମର ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ରାକେଶ କୁମାର ପ୍ରଧାନଙ୍କୁ ଦଶପଲ୍ଲା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଫତେଗଡ଼ ଥାନା ପକ୍ଷରୁ ପେଟ୍ରୋଲିଂ ସମୟରେ ଭାପୁର ବାଇପାସ ନିକଟରୁ ଦୁଇ ଗୋଟି ଚୋରା ବାଇକକୁ ଜବତ କରାଯାଇଛି। ଅଭିଯୁକ୍ତ ହେଲେ କରଡ଼ାପଲ୍ଲୀ ଗ୍ରାମର ଶ୍ରୀବତ୍ସ ନାୟକଙ୍କୁ ଗତ କାଲି ଗିରଫ କରାଯାଇ କୋର୍ଟ ଫରୱାର୍ଡ କରାଯାଇଛି। ନୟାଗଡ଼ ପୁଲିସ ପକ୍ଷରୁ ଆଜି ମୋଟ ୩୦୧ କେଜି ୨୩୬ ଗ୍ରାମ ଗଞ୍ଜେଇକୁ ଖୋର୍ଦ୍ଧାରେ ଡିସ୍ପୋଚାଲ କରାଯାଇଛି। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି। ଦଶପଲ୍ଲା ଥାନାରୁ ୯ କେଜି ୨୦୦ ଗ୍ରାମ ଗଞ୍ଜେଇ, ଅନ୍ୟ ଏକ ମାମଲା ମଲାରେ ଦଶପଲ୍ଲା ଥାନ ପକ୍ଷରୁ ୧୫ କେଉଁ କେଜି ଗଞ୍ଜେଇ, ଅନ୍ୟ ଏକ ମାମଲାରେ ଦଶପଲ୍ଲା ଥାନାରୁ ୨୪ କେଜି ଗଞ୍ଜେଇ, ଇଟାମାଟି ଥାନା ପକ୍ଷରୁ ୫୮ କେଜି ୬୦୦ ଗ୍ରାମ ଗଞ୍ଜେଇ, ଫତେଗଡ଼ ଥାନା ପକ୍ଷରୁ ୫୮ କେଜି ୬ ଗ୍ରାମ ଗଞ୍ଜେଇ ଓ ନୟାଗଡ଼ ଟାଉନ ଥାନା ପକ୍ଷରୁ ୫୩ କେଜି ୪୩୦ ଗ୍ରାମ ଗଞ୍ଜୀଇ ଜବତ ହୋଇ ଗଛିତ ହୋଇ ରହିଥିଲା। ଆଜି ମୋଟ ୩୦୧ କେଜି ୨୩୬ ଗ୍ରାମ ଗଞ୍ଜେଇକୁ ଡିସ୍ପୋଚାଲ କରାଯିବ। ଏଥି ସହିତ ପୁଲିସ ପକ୍ଷରୁ ୬୯୨ ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି ଏବଂ ୫ ଜଣଙ୍କୁ ଦଣ୍ଡିତ କରାଯାଇଛି। ନିର୍ବାଚନ ସମୟରେ ୧୦୮ ଜଣ ପୁଲିସ ଭଲ କାର୍ଯ୍ୟ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଛି। ବିଭିନ୍ନ କେସର ସଫଳତା ନିମନ୍ତେ ୩୨ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ତମ କାର୍ଯ୍ୟ ନିମନ୍ତେ ୪୭୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶାରୀରିକ ସୁସ୍ଥତା ପାଇଁ ୭୬ ଜଣଙ୍କୁ ନୟାଗଡ଼ ପୁଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟ ଏକ ପକ୍ଷରେ ଅନ୍ୟ ରାଜ୍ୟରୁ ୨୦୦ ମିସିଙ୍ଗ୍ ମୋବାଇଲ ଜବତ କରାଯାଇଛି। ସେଥି ମଧ୍ୟରୁ ୫୦ ଜଣଙ୍କୁ ମୋବାଇଲ ଫେରସ୍ତ କରାଯାଇଥିବା ବେଳେ ଅନ୍ୟ ଏକ ଦିନରେ ୧୫୦ ଲୋକଙ୍କୁ ମୋବାଇଲ ଫେରସ୍ତ କରାଯିବ। ନୟାଗଡ଼ ପୁଲିସ ପକ୍ଷରୁ ବରିଷ୍ଠ ନାଗରିକ ମାନେ ଯେପରି କୌଣସି ଅସୁବିଧାରେ ସମ୍ମୁଖୀନ ହେବେ ନାହିଁ ଏବଂ ସମସ୍ତ ବରିଷ୍ଠ ନାଗରିକ ମାନେ ନ୍ୟାୟ ପାଇବେ ସେଥି ନିମନ୍ତେ ପ୍ରତି ପଞ୍ଚାୟତରୁ ୫ ଜଣ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଏକ ହ୍ୱାଟସାପ୍ ଗ୍ରୁପ ତିଆରି କରିବା ପାଇଁ ପୁଲିସ ପକ୍ଷରୁ ଯୋଜନା କରାଯାଇଛି। ବରିଷ୍ଠ ନାଗରିକ ପାଇଁ ସ୍ୱତନ୍ତ୍ର ଡେକ୍ସ ପ୍ରତି ଥାନାରେ କାର୍ଯ୍ୟ କରିବ ବୋଲି ଆରକ୍ଷୀ ସୂଚନା ଦେଇଛନ୍ତି। ସିସିଟିଏନଏସ ନୟାଗଡ଼ ଜିଲ୍ଲା ସାରା ରାଜ୍ୟରେ ୧୫ ରୁ ଆସି ୩ ନମ୍ବର ଜିଲ୍ଲାରେ ପହଞ୍ଚିଛି । ନୟାଗଡ଼ ଜିଲ୍ଲାର ସମସ୍ତ କଲେଜର ଅଧ୍ୟକ୍ଷ ମାନଙ୍କୁ ଚିଠି କରାଯାଇ ଯେପରି କୌଣସି ନାବାଳକ ଗାଡ଼ି ନଚଲାଇବେ ସେଥି ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଶ ପଣ୍ଡା, ଏସଡିପିଓ ସୁଦର୍ଶନ ଡାଙ୍ଗୋଇ ଓ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ରହିଥିଲେ।

## ଏସ୍‌ବିଆଇ ଏଟିଏମ୍ ସ୍କ୍ରିନ୍ ଗ୍ଲାସ୍ ଭାଙ୍ଗିଥିବା ଦୁର୍ବୃତ୍ତ ଉପରେ କେବେ ହେବ କାର୍ଯ୍ୟାନୁଷ୍ଠାନ




**ଜୟପାଟଣା,(ମହାଭାରତ)** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୂଖିଗୁଡ଼ା ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ଅଫିସ୍ ସମ୍ମୁଖରେ ଥିବା ଏସ୍ ବି ଆଇ ଏଟିଏମ୍ ଅଚଳ ହୋଇ ପଡ଼ି ରହିଛି କିଛି ଦିନ ହେଲା ସୂଚନା ଯୋଗ୍ୟ ଯେ ଗତ ରବିବାର ଦିନ କିଛି ଗ୍ରାହକ ଟଙ୍କା ଉଠାଣ ପାଇଁ ଯାଇଥିଲେ ହଠାତ ଦେଖିଲେ ଏଟିଏମ୍ ସ୍କ୍ରିନ୍ ଗ୍ଲାସ୍ ଭାଙ୍ଗି ଯାଇଅଛି। ଏନେଇ ଓ ଏଚ୍ ପିସି ଗେଟ୍ ରେ ଥିବା ସୁରକ୍ଷା କର୍ମୀ ଙ୍କୁ ଜଣାଇଥିଲେ। ହେଲେ ସେ ବିଷୟ ରେ କିଛି ଜାଣିନଥିବା କଥା କହିଛନ୍ତି। ଏଟିଏମ୍ ସ୍କ୍ରିନ୍ ଗ୍ଲାସ୍ କେହି ଜଣେ ଦୁର୍ବୃତ୍ତ ଭାଙ୍ଗିଥିବା ଅନୁମାନ କରାଯାଉଛି। ହେଲେ କଣ ପାଇଁ ଭଙ୍ଗା ଯାଇଛି ତା ଅସ୍ପଷ୍ଟ ଅଛି।ଏଟିଏମ୍ ସ୍କ୍ରିନ୍ ଗ୍ଲାସ୍ ଭାଙ୍ଗିଥିବା ଯୋଗୁଁ ଗ୍ରାହକ ମାନେ ଟଙ୍କା ଉଠାଣ ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅତି ଶୀଘ୍ର ଏଟିଏମ୍ ରେ ଲାଗିଥିବା ସି ସି ଟିଭି ଯାଞ୍ଚ କରି ସ୍କ୍ରିନ୍ ଗ୍ଲାସ୍ ଭାଙ୍ଗିଥିବା ଦୁର୍ବୃତ୍ତ ଉପରେ ଏସ୍ ବି ଆଇ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଗ୍ରାହକ ଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ଜନ ଜନସାଧାରଣ ଙ୍କ ଅନୁରୋଧ।

## ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକରଣର ପ୍ରଚାର ରଥ ଶୁଭାରମ୍ଭ



**ପାରଳାଖେମୁଣ୍ଡି,(ମହାଭାରତ) :** ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ୧୫ ଜୁଲାଇ ଠାରୁ ଆରମ୍ଭ ହେଉଛି। ଧାନ ସଂଗ୍ରହ ବର୍ଷ ୨୦୨୪-୨୫ ପାଇଁ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକରଣ କରିବା ଲାଗି ଏକ ପ୍ରଚାର ରଥକୁ ଗଜପତି ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ପ୍ରଚାର ରଥ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରଚାର ପ୍ରସାର କରିବ। ଜିଲ୍ଲାର ୪୩ ଗୋଟି ସମବାୟ କେନ୍ଦ୍ର ଓ ୨ ଲ୍ୟାମ୍ପରେ ମୋଟ ୪୫ ଗୋଟି କେନ୍ଦ୍ରରେ ଚାଷୀଙ୍କ ପଞ୍ଜିକରଣ କରିବା ପାଇଁ ସଚେତନତା କରାଯିବ। ଏହା ବିଭାଗର ୱେବସାଇଟ ଙ୍ଗଙ୍ଗଙ୍ଗ.ଲକ୍ଟକ୍ଟୟକ୍ଟୟସସ୍ୱଷବ.ସଭ ରେ ମଧ ଉପଲବ୍ଧ ଏଣୁ ସମସ୍ତ ଚାଷୀ ଭାଇ ମାନଙ୍କୁ ଅନୁରୋଧ ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ କାଗଜ ପତ୍ର ନକଲ ଦାଖଲ କରିବା ଆବଶ୍ୟକ । ବ୍ୟାଙ୍କ ପାସ୍ ବୁକର ପ୍ରଥମ ପୃଷ୍ଠା, ଚାଷ ଜମିର ପ୍ରମାଣ ପତ୍ର, ଆଧାର କାର୍ଡ, ମୋବାଇଲ ନମ୍ବର ଓ ଯଦି ଭାଗ ଚାଷୀ ହୋଇଥାନ୍ତି ତେବେ ସମ୍ପୃକ୍ତ ଜମି ମାଲିକରଙ୍କ ସହମତି ପତ୍ର ସହିତ ଆଧାର କାର୍ଡ ନକଲ ଦାଖଲ କରିବେ । ଯେଉଁ ଚାଷୀମାନେ ଆଗାମୀ ଖରିଫ୍ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀ ନାମ ପଞ୍ଜିକରଣ କରିନାହାନ୍ତି ସେମାନେ ଆସନ୍ତା ଅଗଷ୍ଟ ମାସ ୩୧ ତାରିଖ ସୁଦ୍ଧା ପଞ୍ଜିକରଣ କରିନେବେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ହରୀହର ସେଠ୍, ଉପ-ନିବନ୍ଧକ, ସମବାୟ ସମିତି ଗଜପତି,ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା, ଶ୍ରୀ ରେବତୀ ମୋହନ ରାଉତ,ସେକ୍ରେଟାରୀ,ଆରଏମସି, ପାରଳାଖେମୁଣ୍ଡି, ଶ୍ରୀ ନାରାୟଣ ସେଠୀ, ଉପ- ସହକାରୀ ନିବନ୍ଧକ,ଗଜପତି , ଡେପୁଟି କଲେକ୍ଟର ସୁଶ୍ରୀ ଲିପିନା ଦାଶ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମବାୟ ସମିତି , ଆରଏମସି ଓ ଜିଲ୍ଲା ଯୋଗାଣ ବିଭାଗୀୟର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୋଳ ଗ୍ରସ୍ତରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି



**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ସଂସଦ ଅଧିବେଶନ ମଧ୍ୟରେ ଭୁବନେଶ୍ୱରରୁ ନିଜ ନିର୍ବାଚନ ମଣ୍ଡଳିକୁ ଶନିବାର ଓ ରବିବାର ୨ଦିନିଆ ଗ୍ରସ୍ତର ଆସିଥିବା ସମୟରେ ୩ ତାରିଖ ଶନିବାର ପ୍ରଥମ ଦିବସରେ ହିନ୍ଦୋଳ ନିର୍ବାଚନ ମଣ୍ଡଳିର ବିଭିନ୍ନ ସ୍ଥାନରେ ଦଳିୟ କାର୍ଯ୍ୟକର୍ତ୍ତା ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଥମେ ତେଲିଭୁଇଁ ଛକ ନିକଟରେ ବ୍ଲକ ଉପାଧ୍ୟକ୍ଷ ବରୁଣ ସର ଓ ବରିଷ୍ଠନେତା ଭାସ୍କର ଚନ୍ଦ୍ର ନାୟକ ଙ୍କ ତତ୍ୱାବଧାନରେ ରାସୋଳ ମଣ୍ଡଳର କର୍ଯ୍ୟକର୍ତ୍ତା ଙ୍କୁ ଭେଟି ହିନ୍ଦୋଳର ବହୁ ଗୁରୁତ୍ୱପୁର୍ଣ୍ଣ ସମସ୍ୟା ସଂପର୍କରେ ଆଲୋଚନା କରି ସର୍ବସାରଣ ଲୋକଙ୍କର ସ୍ୱାର୍ଥ ସମ୍ବଳିତ ମୌଳିକ ସମସ୍ୟାର ସମାଧାନ ସହ ସମଗ୍ର ନିର୍ବାଚନମଣ୍ଡଳିରେ ବିକାଶ ଧାରାକୁ ପ୍ରାଥମିକତା ଦିଆଯିବ ବୋଲି ମତପ୍ରକାଶ କରିଥିଲେ । ଏହି ଅବସର ରେ ସାତମାଇଲ ଠାରେ ହାତୁରା ମଣ୍ଡଳ ସଭାପତି ମନୋଜ ପଟନାୟକ ଏବଂ ବାବନ୍ଧ ମଣ୍ଡଳ ସଭାପତି ଅଶୋକ ରାଉତ ଙ୍କ ଉପସ୍ଥିତରେ ପାରିକୂଳ ମଣ୍ଡଳ , ହାତୁରା ମଣ୍ଡଳ ଓ ବାବନ୍ଧ ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଅଂଚଳର ବିଭିନ୍ନ ସମସ୍ୟା ଶୁଣିଥିଲେ , ଏହାପରେ ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାନା କମିଟି ସଭାପତି ସୁକୁମାର ବିଶ୍ୱାଳ , ସଂପାଦକ ଶଶିଭୁଷଣ ବେହେରା , ସହ ସଂପାଦକ ମନୋଜ ପ୍ରଧାନ, କମିଟି ସଦସ୍ୟ ବିମଳ ପ୍ରଧାନ , ବିରଞ୍ଚିନାରାୟଣ ତ୍ରିପାଠି ପ୍ରମୁଖ ସାଂସଦଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ହିନ୍ଦୋଳକୁ ରେଳ ପଥ , ଜିଲ୍ଲାରେ ମେଡିକାଲ କଲେଜ ଆଦି ପ୍ରସଙ୍ଗରେ କେନ୍ଦ୍ରରେ ବିଭାଗିୟ ମନ୍ତ୍ରୀଙ୍କୁ ଭେଟି ଏହା କାର୍ଯ୍ୟକ୍ଷମ କରିବା ଦିଗରେ ସକାରାତ୍ମକ ଆଲୋଚନା କରିଛି ଏବଂ ମୁଖ୍ୟତଃ ହାତୀ ମଣିଷ ଲଢେଇ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାର କିପରି ସମାଧାନ କରାଯିବ ସେନେଇ ସଂସଦର ଆଗାମୀ କାର୍ଯ୍ୟଦିବସରେ ପଦକ୍ଷେପ ନେବି ବୋଲି କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନାରେ ମତ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତାଙ୍କ ସହ ବିଜେପି ଜିଲ୍ଲା ସଂପାଦକ ସୁଶାନ୍ତ ପତି , ଦୁଷ୍ମନ୍ତ ବେହେରା , ସୁଜିତ ବାରିକ , ସର୍ବେଶ୍ୱର ସାମଲ , ବାନାମ୍ବର ପତି ,ଧରଣିଧର ପାଳ, ଟିଟୁ ସାହୁ, କ୍ଷେତ୍ରବାସୀ ବେହେରା ,ମାନସ ମହାରଣା , ଶିବାନି ରାଉତ , ଶଙ୍କର୍ଷଣ ପାଳ, ଜଗଦିଶ ପଟନାୟକ , ସୁନିଲ ମାଝୀ , ତ୍ରିଲୋଚନ ସାହୁ, ପ୍ରମୁଖ ବହୁ ନେତୃମଣ୍ଡଳି ଉପସ୍ଥିତ ଥିଲେ । ଏହି ଅବସର ରେ ଗୋଆଠାରେ ଅନୁଷ୍ଠିତ କିକ୍ ବକ୍ସିଂ ପ୍ରତିଯୋଗିତାରେ କୃତିତ୍ୱ ଲାଭକରିଥିା ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନର ସଭାପତି ଶଶିକାନ୍ତ ଗଡନାୟକ , ସଂପାଦିକା କିର୍ତ୍ତିରାଣୀ ସାହୁ ପ୍ରଶିକ୍ଷକ ମହିର କୁମାର ସାହୁ ଓ ସମସ୍ତ କୃତି ପ୍ରତିଯୋଗିଙ୍କୁ ସାଂସଦ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେପିର ବହୁ କର୍ମକର୍ତ୍ତା ଯୋଗଦେଇ ମାନ୍ୟବର ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ନିଜ ନିଜ ଅଂଚଳର ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ।

## ଇଫକୋ ଅଫିସର୍ସ ଆସୋସିଏସନ ନିର୍ବାଚନ

### ସୁଶାନ୍ତ ଜେନା ସଭାପତି ଓ ସତ୍ୟଜିତ ଖୁଣ୍ଟିଆ ସାଧାରଣ ସମ୍ପାଦକ




**ପାରାଦୀପ,(ମହାଭାରତ) :** ପାରାଦୀପ ସ୍ଥିତ ଇଫକୋ ସାର କାରଖାନା ର ଅଫିସର୍ସ ଆସୋସିଏସନ ର ୨୦୨୪-୨୭ ବର୍ଷ ପାଇଁ ନିର୍ବାଚନ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରତି ତିନିବର୍ଷରେ ଅନୁଷ୍ଠିତ ହେଉଥିବା ଚଳିତ ନିର୍ବାଚନରେ ସୁଶାନ୍ତ କୁମାର ଜେନା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ସତ୍ୟଜିତ ଖୁଣ୍ଟିଆ, ଉପସଭାପତି ଲିଙ୍ଗରାଜ ମିଶ୍ର, ଯୁଗ୍ମ ସମ୍ପାଦକ ଜ୍ୟୋତି ରଞ୍ଜନ ସ୍ୱାଇଁ, ସଂଗଠନ ସମ୍ପାଦକ ସିମାଞ୍ଚଳ ପଣ୍ଡା ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଭାତ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ସେହିପରି ଅଶୋକ କୁମାର ପାତ୍ର, ସନ୍ତୋଷ କୁମାର ପ୍ରଧାନ, ସୁଶାନ୍ତ ଖଣ୍ଡୁଆଳ, ଏ.ଶ୍ରୀନିବାସୁ, ବିନୀତ କୁମାର ପାଲ, ସତ୍ୟବ୍ରତ ମହାପାତ୍ର, ଶିବରାମ ବେହେରା, ସୁବ୍ରତ କୁମାର ବେହୁରିଆ ଏବଂ ପ୍ରାଦ୍ୟୁମ୍ନ ନାଗର ପ୍ରମୁଖ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଇଫକୋ ଅଫିସର୍ସ ଆସୋସିଏସନର ଏହି ନବ ନିର୍ବାଚିତ ସଦସ୍ୟ ମାନଙ୍କୁ ଇଫକୋ ପାରାଦୀପ ୟୁନିଟ ନିର୍ଦ୍ଦେଶକ ତଥା ମୁଖ୍ୟ କେ.ଜେ.ପଟେଲ ଓ ସମସ୍ତ ଅଧିକାରୀ ମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଇଫକୋ କର୍ମଚାରୀ ଏବଂ ପ୍ଲାଣ୍ଟର ସର୍ବାଙ୍ଗୀନ ଉନ୍ନତି ଓ ସୁରକ୍ଷା ଉପରେ ନବନିର୍ବାଚିତ କର୍ମକର୍ତ୍ତା ମାନେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

## ଆଦିତ୍ୟ ଏଜୁକେଶନାଲ ସୋସାଇଟି ପକ୍ଷରୁ ନିଯୁକ୍ତି ଭିତ୍ତିକ ଚୁକ୍ତି ସ୍ୱାକ୍ଷର



**ଗଜପତି,(ମହାଭାରତ) :** ଜିଲ୍ଲା ପ୍ରଶାସନ,ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ବିଭାଗ ଓ ଆଦିତ୍ୟ ଏଜୁକେଶନାଲ ସୋସାଇଟି ପକ୍ଷରୁ ଗଜପତି ଜିଲ୍ଲାର ୯୦ ଜଣ ଯୁବକ ଯୁବତୀ ମାନଙ୍କୁ ଆସୋସେଟ ଷ୍ଟୋର ଫାର୍ମାସୀ ବିଷୟରେ ନିଯୁକ୍ତି ଭିତ୍ତିକ ତାଲିମ୍ ପାଇଁ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି। ଏଥିରେ ଜିଲ୍ଲାର ପ୍ରାୟ ୯୦ ଜଣ ଯୁକ୍ତ ଦୁଇ ବିଜ୍ଞାନ ପାସ କିମ୍ବା ଫେଲ୍ ହୋଇଥିବା ଯୁବକ ଯୁବତୀଙ୍କୁ ମାଗଣା ଆବାସିକ ତାଲିମ୍ ଓ ଚାକିରୀ ଯୋଗାଇଦିଆଯିବ। ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ଓ ଶ୍ରୀ ନାଗେଶ୍ୱର ରାଓ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,ଆଦିତ୍ୟ ଏଜୁକେଶନାଲ ସୋସାଇଟି, ଶ୍ରୀକାକୁଲମ ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ଏହି ନିଯୁକ୍ତି ଭିତ୍ତିକ ଏକ ସ୍ୱଳ୍ପ ମିଆଦୀ ତାଲିମ୍ ଟି ଜେମ୍ସ ହସ୍ପିଟାଲ୍ କେମ୍ପସ , ଶ୍ରୀକାକୁଲମ ଠାରେ ଅନୁଷ୍ଠିତ ହେବ। ଜିଲ୍ଲାର ଇଚ୍ଛୁକ ଯୁବକ ଯୁବତୀ ମାନେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟର ମୋବାଇଲ ନମ୍ବର – ୯୮୨୭୯୪୬୮୮୪ ଯୋଗାଯୋଗ କରିପାରିବେ। ଏହି ଅବସରରେ ଶ୍ରୀ ଶିବାଶିଷ ସାହୁ, ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଉପସ୍ଥିତ ଥିଲେ।

## ବିଚାକୁଣ୍ଡି ଜଙ୍ଗଲ ରାସ୍ତାରେ ହାତୀପଲ



**ଯୋଡା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଖଣି ଖନନ ଯୋଗୁଁ ବ୍ୟାପକ ଜଙ୍ଗଲ ଧ୍ୱଂସ ହେଉଛି ।ଖାଦ୍ୟ ଅନ୍ୱେଷଣ ରେ ଏବେ ହାତୀପଲ ଯୋଡା ସହରଭିମୁଖି ହେଉଛନ୍ତି । ଶନିବାର ହାତୀପଲ ଦିନ ବେଳେ କମାର ଯୋଡା – ବିଚ। କୁଣ୍ଡୀ ରାସ୍ତା କଡ ରେ ବିଚରଣ କରୁଥିବା ଦେଖି ଲୋକେ ଭୟଭୀତ ହୋଇଥିଲେ ।ନିକଟରେ ଥିବା ଟାଟା ଷ୍ଟିଲ ର ପଶ୍ଚିମ ଯୋଡା ମାଙ୍ଗାନିଜ ଖଣି ରେ ନିୟୋଜିତ ସୁରକ୍ଷା କର୍ମୀ ମାନେ ଏ ନେଇ ଲୋକଙ୍କୁ ସୂଚନା ଦେଇଥିଲେ ହେଁ ଉକ୍ତ ଜଙ୍ଗଲ ରାସ୍ତାରେ ବନ ବିଭାଗ ର କୌଣସି କର୍ମଚାରୀ କିମ୍ବା ହାତୀ ସ୍କ୍ୱାର୍ଡ ମାନଙ୍କ ର ଦେଖା ମିଳି ନ ଥିଲା ।କିଛି ଦିନ ହେବ ଏହି ଜଙ୍ଗଲ ଅଞ୍ଚଳରେ ୨୦ହାତୀ ବିଚାକୁଣ୍ଡି ଜଙ୍ଗଲରେ ବିଚରଣ କରୁଛନ୍ତି ସହର ଉପକଣ୍ଠ ଅଞ୍ଚଳରେ ଏତେ ସଂଖ୍ୟକ ହାତୀ ବିଚରଣ କରୁଥିବାରୁ ବିଚ ।କୁଣ୍ଡି ଓ କମାର ଯୋଡା ର ବସ୍ତି ଅଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ବନ ବିଭାଗ ହାତୀ ଗତିବିଧି ଉପରେ କଡା ନଜର ନ ରଖିଲେ ହାତୀ ଉପଦ୍ରବ ହେବାର ଆଶଙ୍କା ଦେଖା ଦେଇଛି । ସେହିପରି ବଳିବନ୍ଧ ସେକ୍ସନ ଜଙ୍ଗଲ ରୁ ଦୁଇ ଦିନ ହେବ ୧୫ହାତୀ ବନ୍ଧୁଆ ବେଡ଼। ଅଞ୍ଚଳ କୁ ଚାଲି ଆସିଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି ।

## ନିର୍ମାଣଧିନ ନୂତନ ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିଦର୍ଶନ କଲେ ବାଣପୁର ଓକିଲ ସଂଘର କର୍ମକର୍ତ୍ତା



**ବାଣପୁର,(ମହାଭାରତ) :** ଶୁକ୍ରବାର ଅପରାହ୍ନରେ ବାଣପୁର ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା ଓ ଏକାଧିକ ସଭ୍ୟ ସାନ ହନ୍ତୁଆଡ଼ ଗ୍ରାମ ନିକଟରେ ନିର୍ମାଣଧୀନ ନୂତନ ବାଣପୁର ସିଭିଲ କୋର୍ଟ କମ୍ପ୍ଲେକ୍ସ ସ୍ଥାନ ପରିଦର୍ଶନ କରିଥିଲେ । ଏହି ଅବସରରେ ସମ୍ପାଦକ ଶ୍ରୀ ବେଦମତ୍ତା ଉକ୍ତ କାର୍ଯ୍ୟ ନେଇଥିବା ସଂସ୍ଥାର କର୍ତ୍ତୃପକ୍ଷଙ୍କ ସହ ନିର୍ମାଣର ଅଗ୍ରଗତି ନେଇ ଆଲୋଚନା କରିଥିଲେ । ବର୍ଷା ଦିନରେ ଉକ୍ତ ସ୍ଥାନରେ ଜଳ ଜମି ରହିଥିବାରୁ କିପରି ଉନ୍ନତ କାର୍ଯ୍ୟ ପ୍ରଣାଳୀ ଦ୍ୱାରା ଏହି ସମସ୍ୟା ଦୂର ହୋଇପାରିବ ସେ ନେଇ ଆଲୋଚନା କରିଥିଲେ ଶ୍ରୀ ବେଦମତ୍ତା । ତତସହିତ ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ସଂସ୍ଥାକୁ ଅନୁରୋଧ କରିଥିଲେ । ଉକ୍ତ ଗସ୍ତ ସମୟରେ ଓକିଲ ସଂଘର କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ କୁମାର ମହାପାତ୍ର,ବରିଷ୍ଠ ଆଇନଜୀବୀ ସନ୍ଦୀପ କୁମାର ମହାପାତ୍ର ଏବଂ ଆଇନଜୀବୀ ସୀତାରାମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ଶିକ୍ଷ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ୩୪ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର




**ବିଷମ କଟକ,(ମହାଭାରତ) :** ରାୟଗଡା ଜିଲ୍ଲା ବିଷମ କଟକ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ୩୪ଜଣ ଛାତ୍ର ଛାତ୍ରୀ ଚଳିତ ବର୍ଷ ବୋର୍ଡ ପରିକ୍ଷା ନିମନ୍ତେ ଫରମ ଫିଲଅପ୍ ରୁ ବଂଚିତ ହେବେ । ଶିକ୍ଷ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଟି ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଅଧିନରେ ଆସୁଥିବାବେଳେ ଛାତ୍ରୀ ଛାତ୍ରୀ ମାନଙ୍କ ବୋର୍ଡ ପରିକ୍ଷା କରାଇଥାଏ । ଏହି ପରିପ୍ରେକ୍ଷି ରେ ଶିକ୍ଷକ ଛାତ୍ର ଛାତ୍ରୀ ମାନଙ୍କ ପ୍ରଥମ ବର୍ଷର ବୋର୍ଡ ପରିକ୍ଷା ନିମନ୍ତେ ଫରମ ଫିଲାପ୍ ପକ୍ରିୟା ଆରମ୍ଭ ହୋଇଛି । ବିଭାଗ ତରଫରୁ ଫରମ ଫିଲାପ୍ କରିବା ନିମନ୍ତେ ଏକ ନିର୍ଦ୍ଦେଶା ବଳି ଜାରି କରିଛନ୍ତି । ଯେଉଁମାନେ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ରେ ଉପଯୁକ୍ତ ଭାବରେ ଆଡମିଶନ ହୋଇଥିବେ ଏବଂ ପରୀକ୍ଷା ବର୍ଷରେ ପ୍ରତ୍ୟେକ କ୍ଲାସରେ ଯୋଗ ଦେଇ ସେମାନଙ୍କ ଅଧ୍ୟୟନର ପାଠ୍ୟକ୍ରମ ଅନୁସରଣ କରିଥିବେ। ପ୍ରତ୍ୟେକ ସବଜେକ୍ଟ ରେ ୮୦% ଉପସ୍ଥାନ ରହିଥିବା ଏବଂ ବିଦ୍ୟାଳୟ ପାଠ୍ୟକ୍ରମ ନିୟମିତ ଭାନ କରିଥିବେ ସେହି ଛାତ୍ର ଛାତ୍ରୀ ମାନେ ବୋର୍ଡ ପରିକ୍ଷା ନିମନ୍ତେ ଫରମ ଫିଲପ୍ କରିବା କୁ ଯୋଗ୍ୟ ବିବେଚିତ ହେବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ନିର୍ଦ୍ଦେଶାବଳି ଜାରି କରିଛି । ଏଥି ସହିତ ପଂଜିକୃତ ଡାକ୍ତରୀ ଚିକିତ୍ସକ ଙ୍କ ପ୍ରମାଣ ପତ୍ର ଆଧାରରେ ବୋର୍ଡର ପରୀକ୍ଷା କମିଟି ଆଉ ୧୦ପ୍ରତିଶତ ଉପସ୍ଥାନ କୁ ବିଚାର କୁ ନିଆଯାଇପାରିବ ବୋଲି ନିର୍ଦ୍ଦେଶ ନାମା ରେ ଉଲ୍ଲେଖ ରହିଛି । ନିର୍ଦ୍ଦେଶାବଳି ଆଧାରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ରାୟଗଡା ର ମାତ୍ର ୧୫ଜଣ ଛାତ୍ର ଛାତ୍ରୀ ଙ୍କ ୮୦ପ୍ରତିଶତରୁ ଉର୍ଦ୍ଧ ଉପସ୍ଥାନ ରହିଛି । ଏହି ଛାତ୍ର ଛାତ୍ରୀ ମାନେ ହିଁ ବୋର୍ଡ ପରିକ୍ଷା ଫରମ ଫିଲଅପ୍ କରିବା ନିମନ୍ତେ ଯୋଗ୍ୟ ଅଛନ୍ତି । ଏହା ବ୍ୟତିତ ୨୪ଜଣ ଛାତ୍ର ଛାତ୍ରୀ ୭୦ ରୁ ୮୦ପ୍ରତିଶତ ମଧ୍ୟରେ ଉପସ୍ଥାନ ରହିଛି । ଅପର ପକ୍ଷରେ ବିଦ୍ୟାଳୟ ବଳକା ୩୪ଜଣ ଛାତ୍ର ଛାତ୍ରୀ ଙ୍କ ୭୦ପ୍ରତିଶତ ରୁ କମ୍ ଉପସ୍ଥାନ ରହିଛି । ଯାହାଫଳରେ ଏହି ସମସ୍ତ ଛାତ୍ର ଛାତ୍ରୀ ମାନେ ବୋର୍ଡ ପରିକ୍ଷା ର ଫରମ୍ ପଂଜିକରଣ ରୁ ବଂଚିତ ହୋଇ ରହିବେ । ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ନିୟମିତ ଉପସ୍ଥିତ ନ ରହିବା ବର୍ତମାନ ସେମାନଙ୍କୁ ମହଙ୍ଗା ପଡିଛି । ହେଲେ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଙ୍କ ନିର୍ଦ୍ଦେଶ କୁ ପାଳନ କରି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସରତ ଚନ୍ଦ୍ର ସେଠ୍ ୮୦ପ୍ରତିଶତ ରୁ କମ୍ ଉପସ୍ଥାନ ରହିଥିବା ଛାତ୍ର ଛାତ୍ରୀ ମାନଙ୍କୁ ବୋର୍ଡ ପରିକ୍ଷା ନିମନ୍ତେ ଫରମ ପଂଜିକରଣ ରୁ ବଂଚିତ ରଖିବେ ନା ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ନିର୍ଦ୍ଦେଶାବଳି କୁ ଉଲଘନ କରି ସମସ୍ତ ଅଯୋଗ୍ୟ ଛାତ୍ର ଛାତ୍ରୀ ଙ୍କୁ ଫରମ ପଂଜିକରଣ କରିବା ନିମନ୍ତେ ସୁଯୋଗ ଦେବେ ତାହା ଦେଖିବାକୁ ବାକି ରହିଲା ।

## ଭିତ୍ତିପ୍ରସ୍ତର ସ୍ଥାପନ କଲେ ଧର୍ମଗଡ ବିଧାୟକ

**ଧର୍ମଗଡ,(ମହାଭାରତ) :** ଧର୍ମଗଡ ସାପ୍ତାହିକ ବଜାର ପ୍ରଙ୍ଗଣର ସୌନ୍ଦର୍ଯ୍ୟ କରଣ ପାଇଁ ଆଜି ଭିତ୍ତପ୍ରସ୍ତର ସ୍ଥାପନ ହେଇଛି ଏଥିରେ ସ୍ଥାନୀୟ ବିଧାୟକ ସୁଧିର ରଞ୍ଜନ ପଡଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଭିତ୍ତପ୍ରସ୍ତର ଫଳକକୁ ଅନାବରଣ କରିଥିଲେ ୫୬, ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସମସ୍ତ ବଜାର ପଙ୍ଗଣର ଉନ୍ନୀତ କରଣ ସହ ସୌନ୍ଦର୍ଯ୍ୟ କରଣ କରାଯିବା ପୂର୍ବରୁ ସାମାନ୍ୟ ବର୍ଷା ହେଲେ ବଜାର ପ୍ରଙ୍ଗଣ କାଦୁଅ ପଚ ପଚ ହେବା ସହ ଗ୍ରାହକ ମାନେ ଏବଂ ବ୍ୟବସାୟୀ ଅସୁବିଧାର ସମ୍ମୁଖୀନ ହେଉଥିଲେ ବର୍ତ୍ତମାନ ଏହି ଅସୁବିଧା ଦୁରହେବ ବୋଲି ବିଧାୟିକା ଶ୍ରୀ ପଡ଼ଯୋଷି ପ୍ରକାଶ କରିଛନ୍ତି ଏହି କାର୍ଯକ୍ରମରେ ଏନ ଏସି, ଅଧ୍ୟକ୍ଷ ଅଶୋକ ମହାନ୍ତି, ଉପଧ୍ୟକ୍ଷା , ମନିଷା ମିଶ୍ର, ସମସ୍ତ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ।



## ଅନୁସୂଚିତ ଜନ ଜାତି ଲୋକପ୍ରତିନିଧିଙ୍କ ଦକ୍ଷତା ବିକାଶ ତାଲିମ



କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ୯ ଟି ଗ୍ରାମପଞ୍ଚାୟତର ନବ ନିର୍ବାଚିତ ଅନୁସୂଚିତ ଜନଜାତି ଲୋକ ପ୍ରତିନିଧିଙ୍କ ଦିନିକିଆ ତାଲିମ କର୍ମଶାଳା ୨ ତାରିଖରେ ସମ୍ପର୍ଣ୍ଣ ହୋଇଛି ।ବ୍ଲକ ସଭା ଗୃହରେ ଆୟୋଜିତ ଏହି ତାଲିମ ଶିବିରରେ ଏସଟି ଜିଲ୍ଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ସଦସ୍ୟ ଏବଂ ୱାର୍ଡ ସଭ୍ୟ ସଭ୍ୟା ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତାଲିମଦାତା ଭାବେ ରଞ୍ଜିତ ପଣ୍ଡା ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଗତ ୩୦ ତାରିଖରେ ୯ ଟି ଗ୍ରାମପଞ୍ଚାୟତର ନିର୍ବାଚିତ ଅନୁସୂଚିତ ଜନଜାତି ପ୍ରତିନିଧିଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।

## ଉପଜିଲ୍ଲାପାଳଙ୍କ ଅଭିଯୋଗ ପରେ ଚାଷୀ ସମସ୍ୟାର ସମାଧାନ ହେଲା

ହାଟଡିହି(ମହାଭାରତ): ହାଟଡିହି ଏବର୍ଷ ନିଅଣ୍ଟିଆ ବର୍ଷାଯୋଗୁଁ ଚାଷ କାର୍ଯ୍ୟ ହୋଇପାରୁ ନଥିବା ରୁ କେନାଲ ପାଣି ରେ ଲୋକ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ସାସଙ୍ଗ ଗ୍ରାମ ର କିଛି ଚାଷୀ ଙ୍କ ଚାଷ ଜମି ରେ ଏବେ ପାଣି ଅଧିକ ରହିଛି କାରଣ ମୁଗୁପୁର କେନାଲ ପାର୍ଶ୍ୱ ରେ ଥିବା ଏକ ଜମୀ ରେ ଆଡ ହୁରିଆ ଗ୍ରାମ ର ଜଣେ ବ୍ୟକ୍ତି ମାଟି ପକାଇ ଦେଇଥିଲେ ଯାହାକୁ ନେଇ ସାସଙ୍ଗ ପଞ୍ଚାୟତର ଗ୍ରାମବାସୀ ମାନେ ଉପଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଏହାର ତଦନ୍ତ ଦାୟିତ୍ୱ ମରେଇଗାଁ ରାଜସ୍ୱ ନୀରିକ୍ଷକ ଙ୍କୁ ଦେବା ପରେ ରାଜସ୍ୱ ନୀରିକ୍ଷକ ଯାଇ ବୁଝା ସୁଝା କରି ସମାଧାନ କରିଥିଲେ। ଏହି ଅଭିଯୋଗ କୁ ଅନାଦି ଚରଣ ବିଶ୍ୱାଳ, କୋଦଣ୍ଡ ଧର ଆଇଚ, ସୁବ୍ରତ କୁମାର ଆଇଚ, ପୂର୍ଣ୍ଣଚନ୍ଦ୍ର ଜେନା ଗୋରାଙ୍ଗ ଆଇଚ , ବୈକୁଣ୍ଠ ପାଢ଼ୀ, ସୁଧିର ବିଶ୍ୱାଳ , ପ୍ରଭାତ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଥିଲେ।

## ଦେବଗଡ ଜିଲ୍ଲାରେ ହାକାଥନ କାର୍ଯ୍ୟକ୍ରମ



ଦେବଗଡ଼ (ମହାଭାରତ).:ଶୁକ୍ର ବାର ସ୍ଥାନୀୟ ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଠାରେ ହାକାଥନ କାର୍ଯ୍ୟକ୍ରମ ଉଦଘାଟନ ଓ ଉଦଯାପନୀ ଉତ୍ସବ ପାଳିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ରାଧାକାନ୍ତ ଗଡତିୟା ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସୋସିଏଟ ପ୍ରଫେସର୍ ଓ ଗବେଷକ ଓୟୁଏଟି ଭୁବନେଶ୍ୱର ଡଃ ଦେବାଶିଷ ଗୌନ୍ତିଆ ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ଗଣିତ ବିଭାଗ, ପଲିଟେକନିକ୍ ମହାବିଦ୍ୟାଳୟ ଦେବଗଡ଼ ଡ଼ଃ ସୁଚନା ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶ୍ରୀଯୁକ୍ତ ଦେବେନ୍ଦ୍ର ନାଥ ତ୍ରୀପାଠୀ, ଅଧ୍ୟାପକ ଆଦର୍ଶ ମହାବିଦ୍ୟାଳୟ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ବେହେରା, ଅଧ୍ୟାପକ ଦେବଗଡ଼ ମହାବିଦ୍ୟାଳୟ ଡ଼ଃ ଲଗେନ କୁମାର ପ୍ରଧାନ, ଯୁବ ଛାତ୍ର ଗବେଷକ ଓୟୁଏଟି ଭୁବନେଶ୍ୱର ଶ୍ରୀ ଆଦିତ୍ୟ ମହାନ୍ତି ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କାଦୋପଡା, ବାରକୋଟ ନବୀନ ମହାକୁଳ ୧ମ କୁ ୧୫ ହଜାର ଟଙ୍କା, ପଳସମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିବାନନ୍ଦ ଦେହୁରୀ ୨ୟ ୧୦ ହଜାର ଟଙ୍କା ଓ ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୁଲଣା ସାହୁ ୩ୟ କୁ ୫ହଜାର ଟଙ୍କା ଓ ପ୍ରମାଣପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିଯୋଗିମାନେ ଆଗାମୀ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ବିଭାଗର କର୍ମଚାରୀ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ମହିଳା ମହାବିଦ୍ୟାଳୟ ଚି□ରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ ଓ ଜିଲ୍ଲା ବିକାଶ ନିରିକ୍ଷିକା ଦେବଗଡ଼ ଶେଷରେଶ୍ରୀମତୀ ଇପ୍ସିତା ପଟ୍ଟନାୟକ ସମସ୍ତଙ୍କୁଧନ୍ୟବାଦ୍ ଜଣାଇ ଥିଲେ।

## ସାମ୍ବାଦିକଙ୍କ ପତ୍ନୀ ରଶ୍ମିରେଖାଙ୍କ ବିୟୋଗ

ବରୀ,(ମହାଭାରତ): ବରୀ ଅଂଚଳର ସମ୍ବାଦ ଖବର କାଗଜର ସାମ୍ବାଦିକ ସଞ୍ଜୟ ବେହେରାଙ୍କ ପତ୍ନୀ ରଶ୍ମିରେଖା ବେହେରାଙ୍କ ର ପରଲୋକ ଘଟିଛି। ହୃଦଘାତ କାରଣରୁ ପରଲୋକ ଘଟିଥିବା ବେଳେ ପରଲୋକ ବେଳକୁ ଶ୍ରୀମତୀ ବେହେରାଙ୍କୁ ୪୬ ବର୍ଷ ହୋଇଥିଲା। । ଆଜି ତାଙ୍କ ମରଶରୀରକୁ ସ୍ୱର୍ଗଦ୍ୱାରକୁ ସତ୍କାର ନିମନ୍ତେ ନିଆଯିବା ବେଳେ ବହୁ ସୁବେସୁ ପୁଷ୍ପମାଳା ଦେବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକ, ପ୍ରାକ୍ତନ ବିଧାୟୀକା ସୁନନ୍ଦା ଦାସ , ବିଜେପି ନେତା ଉମେଶ ଜେନା ,ଯୁବ ନେତା ସଞ୍ଜିବ ଜେନା ସରପଂଚ ମାନସ ଜେନା,ପ୍ରାକ୍ତନ ସରପଂଚ ବିଜୟ ସାହାଣୀ,ଜିଲ୍ଲା ପରିଷଦ ଅଶୋକ ସାମଲ, ସାମ୍ବାଦିକ ସଂଘ ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ଚୈତନ୍ୟ ଜେନା , ବ୍ୟବସାୟ ସଂଘ ସଭାପତି ଧିରେସ ଦ୍ୱିବେଦୀ, ସମ୍ପାଦକ ସୁକନ ବେହେରାଙ୍କ ସମେତ ବରୀ ଅଂଚଳର ବହୁ ବୁଦ୍ଧିଜୀବୀ ଦୁଃଖ ପ୍ରକାଶ କରିଛନ୍ତି।

### ନୟାଗଡ଼ରେ ଚାଷୀଙ୍କୁ ଲୁଟୁଛନ୍ତି
# ଚଢ଼ା ଦରରେ ସାର ବିକ୍ରି କରି ଦଲାଲ ହେଉଛନ୍ତି ମାଲାମାଲ

ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ଚାଷୀଙ୍କୁ ଲୁଟୁଛନ୍ତି ଦଲାଲୟ କୃଷି ବିଭାଗ ଏବଂ ସମବାୟ ସମିତିର ଅଧିକାରୀଙ୍କ ସହ ହାତ ମିଶାଇ ଚଢ଼ା ଦରରେ ସାର ବିକ୍ରୀ କରି ଦଲାଲ ହେଉଛନ୍ତି ମାଲାମାଲ। ଚାଷୀଙ୍କ ଅଭିଯୋଗ ଜିଲ୍ଲାରେ ୟୁରିଆ ଏବଂ ସୁପର ସାର ସଙ୍କଟ ଦର୍ଶାଇ ପ୍ରତିବର୍ଷ ଦଲାଲ ମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି। ଚଳିତ ବର୍ଷ ଅଗଷ୍ଟ ମାସ ରୁ ଜିଲ୍ଲାରେ ସାର ସଙ୍କଟ ଚାଷୀଙ୍କୁ ଚିନ୍ତାରେ ପକାଇଛି। ସୋସାଇଟି ଗୁଡ଼ିକରେ ସାର ମିଳୁନଥିବା ରୁ ଚାଷୀମାନେ ବାଧ ହୋଇ ଖୋଲା ମାର୍କେଟ ରୁ ଚଢ଼ା ଦରରେ କିଣୁଛନ୍ତି ସାର। ଏହାର ଫାଇଦା ଉଠାଇ ଦଲାଲ ସରକାରୀ ମୂଲ୍ୟ ଠାରୁ ଡବଲ ରେଟ୍ ରେ ବିକ୍ରୀ କରି ଲାଭ ଉଠାଉଛନ୍ତି। ସେପଟେ ଚାଷୀମାନେ ହେଉଛନ୍ତି ଦଲାଲଙ୍କ ଦ୍ୱାରା ସିଧସଳଖ ଶୋଷଣର ଶିକାର। ଅସାଧୁ ବ୍ୟବସାୟୀ ମାନେ ଘରୋଇ ହୋଲସେଲରଙ୍କ ସହ ମିଶି ନକଲି ୟୁରିଆ ଏବଂ ସୁପର ସାରକୁ ସରକାରୀ ମୂଲ୍ୟ ଠାରୁ ଡବଲ କରି ୫୨୦ ରୁ ୫୫୦ ଟଙ୍କା ରେ ବିକ୍ରୀ କରି ମୁନାଫା ଉଠାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲାର ଲକ୍ଷ ଲକ୍ଷ ଚାଷୀ ସମସ୍ୟାରେ ଗତି କରୁଥିବା ବେଳେ ସେପଟେ ଜିଲ୍ଲା ପ୍ରଶାସନର ନିରବତା ପାଇଁ ଦଲାଲ ମାନେ ସାର ର କୃତ୍ରିମ ଅଭାବ ସୃଷ୍ଟି କରି ବଜାରରେ ସାର କଳାବଜାରୀ ଚଳାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲ୍ଲାରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଚାଷୀର ସ୍ୱାର୍ଥକୁ ଆଖି ଆଗରେ ରଖି ଜିଲ୍ଲାକୁ ଆବସ୍ୟକ ପରିମାଣର ଇଫକୋ ୟୁରିଆ ଏବଂ ସୁପର, ପଟାସ, ଡିଏଫି ସାର ସୋସାଇଟି ମାଧମରେ ସରକାରୀ



ମୂଲ୍ୟରେ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଚଳିତ ବର୍ଷ ଜିଲ୍ଲାରେ ଖରିଫ୍ ଚାଷ ପାଇଁ ୟୁରିଆ, ସୁପର ପଟାଶ ଏବଂ ଡିଏଫି ଭଳି ୫ ହଜାର ୭ ଶହ ୬୫ ମେଟ୍ରିକ ଟନ ସାରର ଆବଶ୍ୟକ ଥିବା ବେଳେ ଜୁଲାଇ ମାସ ଶେଷ ସୁଦ୍ଧା ମାରଫେଡ୍ ଜରିଆର ମିଳିଛି ମାତ୍ର ଦୁଇ ହଜାର ମେଟ୍ରିକ ଟନ ସାର।ବାକି ସାର ଅଭାବ ରହିଥିବାରୁ ଏହାର ଫାଇଦା ଉଠାଇ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି ଦଲାଲ। ସରକାରୀ ଧାର୍ଯ୍ୟ ଅନୁଯାଇ ୟୁରିଆ ସାର ବସ୍ତା ମୂଲ୍ୟ ୨୬୬ ଟଙ୍କା ରହିଥିବା ବେଳେ ଖୋଲା ବଜାରରେ ଦଲାଲ ମାନେ ୟୁରିଆ ବସ୍ତା ୫୨୦ ଏବଂ ସୁପର ୫୫୦ ଟଙ୍କାରେ ବିକ୍ରି କରୁଥିବା ଜଣାପଡିଛି। ଜିଲ୍ଲାରେ ସାର ବିକ୍ରିପାଇଁ ୧୫୪ ଟି ସୋସାଇଟି ଏବଂ ଚାରି ଟି ହୋଲସେଲରଙ୍କ ସହ ୨୦୦ ରିଟେଲରଙ୍କୁ ସରକାରୀ ଅନୁମତି ମିଳିଛିୟ ବିଭିଓ ସାର କମ୍ପାନୀ ଠାରୁ ଘରେ। ଇ ହୋଲସେଲର ଗୁଡ଼ିକ ଇୟୁରି ଏବଂ ସୁପର ସାର ଉଠାଇ ଗଚ୍ଛିତ ରଖିଥିବା ବେଳେ ସେପଟେ ସୋସାଇଟି ଗୁଡ଼ିକ ଇଫକୋ ୟୁରିଆ ସାର ନ ଉଠାଇବା ପଛରେ ନାନୋ ଭିଟାମିନ ସମସ୍ୟା ବୋଲି ମାର୍ଫେଡ ପକ୍ଷରୁ କୁହାଯାଇଛି। ଏହି କାରଣ ରୁ ପ୍ରଥମ ଏବଂ ଦ୍ୱିତୀୟ ପଯ୍ୟାୟରେ ୬୫ଟି ସୋସାଇଟ କମ ପରିମାଣର ସାର ଉଠାଇଥିବା ବେଳେ ଅନ୍ୟ ସୋସାଇଟି ଗୁଡ଼ିକ ଜମାରୁ ଖାତା ଖୋଲି ନାହାନ୍ତି। ଚାଷୀଙ୍କ ଅଭିଯୋଗ ନାନୋ ଭିଟାମିନ ସମସ୍ୟା ନୁହେଁ, ଘୋରୋଇ ସାର କମ୍ପାନୀ ଗୁଡ଼ିକ କୃଷି ବିଭାଗ ଏବଂ ସମବାୟ ସମିତିର ଅଧିକାରୀଙ୍କୁ ଟଙ୍କା ଲାଞ୍ଚ ଦେଇ ନକିଲ ସାର ବିକ୍ରୀ କରି ଲାଭ ଉଠାଉଛନ୍ତି। ଘରୋଇ ହୋଲସେଲର ମାନେ ଦଲାଲ ସୃଷ୍ଟି କରି ଜିଲ୍ଲାରେ ସାର କଳାବଜାରୀ ଚଳାଇଥିବା ଅଭିଯୋଗ ହୋଇଛି। ଜିଲ୍ଲାରେ ସାର କେଳେଙ୍କାରୀ ପଛରେ କୃଷି ବିଭାଗ ଏବଂ ସମବାୟ ସମିତି ସମ୍ପୃକ୍ତି ରହିଥିବାରୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି କରିଛି କୃଷକ ସଂଘଠନୟ ସାର ଗଚ୍ଛିତ ରଖିବା ପାଇଁ ଜିଲ୍ଲାରେ ସରକାରୀ ସ୍ତରରେ ରାକ୍ ପାଏଣ୍ଟ ନଥିବାରୁ ଏହାର ଫାଇଦା ଉଠାଉଛନ୍ତି ଦଲାଲ। ସରକାରୀ ନିର୍ଦ୍ଦେଶକୁ ଫୁ କରି ହୋଲସେଲର ଓ ଖୁଚୁରା ବ୍ୟବସାୟୀ ମାନେ ସାର କୃତ୍ରିମ ଅଭାବ ସୃଷ୍ଟି କରି ଚଡା ଦର ବିକ୍ରୀ କରି ଚାଷୀଙ୍କୁ ଲୁଟୁଛନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ଇଫକୋ ଅଫିସର୍ସ ଆସୋସିଏସନ ନିର୍ବାଚନ
## ସୁଶାନ୍ତ ଜେନା ସଭାପତି ଓ ସତ୍ୟଜିତ ଖୁଣ୍ଟିଆ ସାଧାରଣ ସମ୍ପାଦକ



ପାରାଦୀପ(ମହାଭାରତ): ପାରାଦୀପ ସ୍ଥିତ ଇଫକୋ ସାର କାରଖାନା ର ଅଫିସର୍ସ ଆସୋସିଏସନ ର ୨୦୨୪-୨୭ ବର୍ଷ ପାଇଁ ନିର୍ବାଚନ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରତି ତିନିବର୍ଷ ରେ ଅନୁଷ୍ଠିତ ହେଉଥିବା ଚଳିତ ନିର୍ବାଚନରେ ସୁଶାନ୍ତ କୁମାର ଜେନା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ସତ୍ୟଜିତ ଖୁଣ୍ଟିଆ, ଉପସଭାପତି ଲିଙ୍ଗରାଜ ମିଶ୍ର, ଯୁଗ୍ମ ସମ୍ପାଦକ ଜ୍ୟୋତି ରଞ୍ଜନ ସ୍ୱାଇଁ, ସଂଗଠନ ସମ୍ପାଦକ ସିମାଞ୍ଚଳ ପଣ୍ଡା ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଭାତ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି । ସେହିପରି ଅଶୋକ କୁମାର ପାତ୍ର, ସନ୍ତୋଷ କୁମାର ପ୍ରଧାନ, ସୁଶାନ୍ତ ଖଣ୍ଡୁଆଳ, ଏ.ଶ୍ରୀନିବାସୁ, ବିନୀତ କୁମାର ପାଲ, ସତ୍ୟବ୍ରତ ମହାପାତ୍ର, ଶିବରାମ ବେହେରା, ସୁବ୍ରତ କୁମାର ବେହୁରିଆ ଏବଂ ପ୍ରାଦ୍ୟୁମ୍ନ ନାଗର ପ୍ରମୁଖ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ।ତେବେ ଇଫକୋ ଅଫିସର୍ସ ଆସୋସିଏସନ ର ଏହି ନବ ନିର୍ବାଚିତ ସଦସ୍ୟ ମାନଙ୍କୁ ଇଫକୋ ପାରାଦୀପ ୟୁନିଟ ନିର୍ଦ୍ଦେଶକ ତଥା ମୁଖ୍ୟ କେ.ଜେ.ପଟେଲ ଓ ସମସ୍ତ ଅଧିକାରୀ ମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଇଫକୋ କର୍ମଚାରୀ ଏବଂ ପ୍ଲାଣ୍ଟର ସର୍ବାଙ୍ଗୀନ ଉନ୍ନତି ଓ ସୁରକ୍ଷା ଉପରେ ନବନିର୍ବାଚିତ କର୍ମକର୍ତ୍ତା ମାନେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ଗଞ୍ଜାମ ଡୁଡା ପି ଡି ଙ୍କ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପରିଦର୍ଶନ

ଆସିକା (ମହାଭାରତ) ଗଞ୍ଜାମ ଜିଲ୍ଲା ସହରାଞ୍ଚଳ ଉନୟନ ପ୍ରକଳ୍ପ ନିର୍ଦ୍ଦେଶକ ଆଜି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ।ଆଜି ପୂର୍ବାହ୍ନ ସମୟରେ ଡୁଡା ପି ଡି ରବୀନ୍ଦ୍ର ପଟେଲ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୧୮ ଗୋଟି ୱାର୍ଡ ରେ ଚାଲିଥିବା ବିଭିଉ ଉନ୍ନୟନ ମୂଳକ କାର୍ଯ୍ୟ ର ତଦାରଖ କରିଛନ୍ତି ।ଗଞ୍ଜାମ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବାବନପୁର ଠାରେ ଥିବା ମଳ ଉପଚାର କେନ୍ଦ୍ର, ସୁନାମ୍ଭ ସାହିରେ ଥିବା ଆଦର୍ଶ ମଶାଣି, ବିଜୁ ପଟନାୟକ ଛକରେ ଥିବା ଅତ୍ୟାଧୁନିକ ଶୌଚାଳୟ, ତାଲୁକା ରୋଡ ରେ ଥିବା ଖତ ଉତ୍ପାଦନ କେନ୍ଦ୍ର, ସହର ର ବିଭିଉ ସାହି ସହ ସଂଯୋଗ କରୁଥିବା ଫେବର ରାସ୍ତା,ବର୍ଷା ଦିନ ଥିବାରୁ ନାଳ, ନର୍ଦମା, ପୋଖରୀ ଆଦି କାମ ଗୁଡିକୁ ବୁଲି ଦେଖିଲେ । ଆଜିର ଏହି ଗସ୍ତ କାର୍ଯ୍ୟକ୍ରମ ରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମେତ ବିଜ୍ଞାପିତ ଅଞ୍ଚଳ ପରିଷଦ ର କର୍ମଚାରୀ ସହଯୋଗ କରିଥିଲେ।

## ରାଇରଙ୍ଗପୁରରେ ମଦର ବନ୍ୟା ସୁଅ ଛୁଟିଛି

ରାଇରଙ୍ଗପୁର(ମହାଭାରତ): ମୟୂରଭଞ୍ଜ ଜିଲ୍ଲା ବାବନଘାଟି ଉପଖଣ୍ଡ ରାଇରଙ୍ଗପୁର ରେ ଦେଶୀ ଓ ବିଦେଶୀମଦ ଅରୁଣାଚଳରୁ ଆସୁଥିବା ସୂଚନା ମିଳିଛି। ଏଣୁ ଓଡ଼ିଶାର ମୋହନ ସରକାର ନିଶାମୁକ୍ତ ଓଡ଼ିଶା ଅଭିଯାନ ଚଳାଉଥିବା ବେଳେ ରାଇରଙ୍ଗପୁର ରେ ଦେଶୀ ଓ ବିଦେଶୀ ମଦର ଶୁଅ ଛୁଟିଛି। ଅବକାରୀ ବିଭାଗର ହାତ ଛନ୍ଦି କାନ ତେଲ ଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ଅବକାରୀ ବିଭାଗ ମଦ ମାଫିଆମାନଙ୍କ ଶହ ମିଶି ବେଧଡକ ଚୋରା ମଦ କାରବାର ଚଳାଇଛନ୍ତି। ମଦମାଫିଆଙ୍କୁ ପଚାରିଲେ କହିଛନ୍ତି। ଅବକାରୀ ବିଭାଗ କୁ ପଚାରୀ ଆମେ ବିକ୍ରୀ କରୁଛୁ ଏହା ସହିତ ଧଳା ଜହରର କାରବାର ବହୁ ମାତ୍ରାରେ ବଢ଼ିଚାଲିଛି। ଯଦ୍ୱାରା ଛୋଟ ପିଲା ଠାରୁ ଆରମ୍ଭ କରି ବୟସ୍କ ଧନି ଠାରୁ ଗରିବ ଲୋକ ମାନେ ନିଶାସକ୍ତ ଅବସ୍ଥାରେ ଚୋରି , ରାହା ଯାନି , ଡକାୟତି,ମଡର ଭାରି ଯାନ ଏସିଡେଣ୍ଟ ପ୍ରତିଦିନ ଘଟଣା ଘଟାଇ ଚାଲିଛନ୍ତି। ଏଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ସାରଙ୍କୁ ଜନସାଧାରଣ ବିନମ୍ର ଅନୁରୋଧ କରି ଜଣାଇଛନ୍ତ। ଅତି ସିଘ୍ର ଏହା ପ୍ରତି ପଦକ୍ଷେପ ନେଲେ ଜନସାଧାରଣ ମୃତ୍ୟୁ ମୁଖରୁ ବଞ୍ଚିଯିବେବୋଲି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତ। ଏବଂ ରାଷ୍ଟ୍ରପତି ଙ୍କ ଏରିଆ ହୋଇଥିବା ସତ୍ତ୍ୱେ ଅଫିସର ମାନେ ତିନି ମାଙ୍କଡ଼ ପରି ମୁହଁ ମାଡ଼ି ବସିଛନ୍ତ।

## ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଗଜପତି(ମହାଭାରତ):ଚଳିତ ବର୍ଷର ଜିଲ୍ଲା ସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ଗଜପତି ଷ୍ଟାଡିୟମ୍ ଠାରେ ମହା ସମାରୋହରେ ପାଳିତ ହେବ। ଚଳିତ ବର୍ଷର ସ୍ୱାଧୀନତା ଦିବସଟିକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ନେଇ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ଗୁଣନିଧି ନାୟକ ଓ ଶ୍ରୀ ଅଶୋକ କୁମାର ମହାନ୍ତି , କମାଣ୍ଡାଣ୍ଟ, ଓଏସଏପି, ତୃତୀୟ ବାଟଲିୟନ ଗଜପତି ପ୍ରମୁଖ ମଞ୍ଚାସିନ ଥିଲେ। ଜାତୀୟ ଉତ୍ସବ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳ ୪.୩୦ ଘଟିକା ସମୟରେ ପାରଳାଖେମୁଣ୍ଡି ସହରରେ ରାମଧୂନ ପରିବେଷଣ କରାଯିବ ଓ ସକାଳ ୬ ଘଟିକା ସମୟରେ ସହରରେ ଥିବା ସମସ୍ତ ବରପୁତ୍ର ମାନଙ୍କୁ ପୁଷ୍ପ ମାଲ୍ୟାର୍ପଣ କରାଯିବ। ସମସ୍ତ ସରକାରୀ, ବେସରକାରୀ ଓ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଉକ୍ତ ଦିନ ସକାଳ ଘ.୭.୩୦ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ଟଲି ରିକ୍ସା ଓ ଅଟୋ ମୁହାଁମୁହିଁ ଧକ୍କା , ଦୁଇ ଆହାତ

କରଞ୍ଜିଆ,(ମହାଭାରତ):ଠାକୁରମୁଣ୍ଡା ବଜାର ନିକଟସ୍ଥ ଠାକୁରମୁଣ୍ଡା - ଚମ୍ପାଝର ରାସ୍ତା ରେ ବଜାର ରୁ ୫୦୦ମିଟର ଦୂରରେ ଏକ ଟୋଲି ଏବଂ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଓଟୋ ଚାଳକ ଓ ଟଲି ଆରୋହି ଦୁଇ ଜଣ ଆହାତ ହୋଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅଟୋ ଡ୍ରାଇଭର ଦିବ ଗାଁର ଶିବ ମହାନ୍ତ ସାମାନ୍ୟ ଆହତ ହୋଇଥିଲା ବେଳେ ଟଲି ଚାଳକ ମଧ ପ୍ରାଥମିକ ଚିକିତ୍ସା ପରେ ଛାଡିଦେଇଥିବା ଜଣାପଡିଛି। ତେବେ ଅଟୋ ଟି ରାସ୍ତା କୋଡକୁ ଓଲଟି ପଡିଥିଲା ବେଳେ ଅଳ୍ପକେ ବର୍ତ୍ତିଲେ ଟଲି ରିକ୍ସା ଚଳକ।

### ଡଙ୍ଗରିଆ କନ୍ଧ ପିଲାମାନଙ୍କ ଭବିଷ୍ୟତକୁ ନେଇ ଖେଳ
# ଗଛ ମୂଳରେ ପାଠ ପଢା, ବର୍ଷା ଦିନରେ ବିଦ୍ୟାଳୟ ବନ୍ଦ

ବିଷମକଟକ(ମହାଭାରତ):ବର୍ଷେ ନୁହେଁ କି ଦୁଇ ବର୍ଷ ନୁହେଁ ପ୍ରାୟ ପାଞ୍ଚ ବର୍ଷ ରୁ ଉର୍ଦ୍ଧ ଦିନ ହେବ ବିଦ୍ୟାଳୟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଯୋଗୁଁ ପିଲା ମାନେ ପାଠ ପଢ଼ିବାର ବ୍ୟବସ୍ଥା ସମ୍ପୁର୍ଣ ଭୁଷୁଡି ପଡ଼ିଛି। ପିଲାମାନେ ପାଠ ପଢ଼ିବାକୁ ଆଗ୍ରହ ଥିଲେ ମଧ ଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ପିଲା ପାଠ ପଢି ପାରୁ ନାହାଁନ୍ତି ।ଏପରି ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଡାଲିଆକୁଜି ପଂଚାୟତର ଦ୍ୱାରଗୁଡି ଗ୍ରାମ ଠାରେ ଆଜକୁ ୫ ବର୍ଷ ରୁ ଉର୍ଦ୍ଧ ହେବ ପିଲା ଗଛ ମୂଳରେ ପାଠ ପଢୁଛନ୍ତି। ବିଦ୍ୟାଳୟ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଯୋଗୁଁ ପିଲା ଗଛ ମୂଳରେ ପାଠ ପଢୁଛନ୍ତି। ଏବଂ ବର୍ଷା ଦିନ ଆସିଲେ ପାଠ ପଢା ବନ୍ଦୟ ଏଠି ଶିକ୍ଷକ ମାନେ ପାଳି କରି ଆସନ୍ତି ହେଲେ ମାସକୁ ୧୫ ଦିନ ଗଲେ ଆଉ ୧୫ ଦିନ ନାହିଁ। ଦରମା ଟଙ୍କା ଦୁଇ ବଣ୍ଟା ରେ ଚାଲିଛି ଶିକ୍ଷା ବିଭାଗର ଅଧିକାରୀ ଙ୍କ ଦ୍ୱାରାୟ ଶିକ୍ଷକ ଘରେ ବସି ଦରମା ନେଉଛନ୍ତି ବୋଲି ଡାଲିଆ କୁଜି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।ଦିନେ ନୁହେଁ କି ଦୁଇ ଦିନ ନୁହେଁ ପ୍ରାୟ ୫ ବର୍ଷ ରୁ ଉର୍ଦ୍ଧ ହେବ ମହା ଦୁର୍ନୀତି ରେ ଚାଲିଛି ଶିକ୍ଷା ବ୍ୟବସ୍ଥା। ଏଠି ସରକାର ଆଦିବାସୀ ଡଙ୍ଗରିଆ କନ୍ଧ ପିଲା ମାନଙ୍କୁ ପାଠ ପଢ଼ାଇବା ପାଇଁ ବିଭିଉ ଯୋଜନା କରୁଛନ୍ତି ହେଲେ ଏଠି ପାଠ ପଢା ସାତ ସପନ । ଏଠି ଡଙ୍ଗରିଆ ଆଦିବାସୀ ପିଲାଙ୍କ ଭବିଷ୍ୟତ ରେ ଖେଳ ଖେଳୁଛନ୍ତି ଶିକ୍ଷା ବିଭାଗ। ଏହି ସମ୍ପର୍କରେ ରାୟଗଡ଼ା ଜିଲ୍ଲାର ପୂର୍ବତନ ଶିକ୍ଷା ଅଧିକାରୀ ପୁରୁନ ଚନ୍ଦ୍ର ବରିଆ



ଓ ସି ଆର ସି ହେମନ୍ତ କୁମାର ପଣ୍ଡା ଙ୍କୁ ବାରମ୍ବାର ଗ୍ରାମ ବାସୀ ଅଭିଯୋଗ କରିବା ପରେ ମଧ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରିନଥିବା ରୁ ଗ୍ରାମ ବାସୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ଏବେ ଏହି ଦ୍ୱାର ଗୁଡ଼ି ପିଲା ମାନଙ୍କ ଭବିଷ୍ୟତ ପାଇଁ କିଏ ଦାୟୀ ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରିଛନ୍ତି। ଏହି ଦ୍ୱାର ଗୁଡ଼ି ଗ୍ରାମକୁ ଗମନାଗମନ ପାଇଁ ରାସ୍ତା ସମ୍ପୁର୍ଣ୍ଣ ଖରାପ ହେଲେ ଡଙ୍ଗରିଆ କନ୍ଧମାନେ କିପରି ନିଜ ଘର କାର୍ଯ୍ୟ କରୁଛନ୍ତି। ହେଲେ ପ୍ରଶାସନ କାହିଁକି ବିଦ୍ୟାଳୟ କାର୍ଯ୍ୟ କରିପାରିବେ ନାହିଁ ବୋଲି ଗ୍ରାମବାସୀ ମାନେ କହିଛନ୍ତି ।ସବୁଠାରୁ ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକରେ ହି ଶିକ୍ଷା ବ୍ୟବସ୍ଥା ବହୁତ ଅସୁବିଧାରେ ଚାଲିଛି। ଉଦାହରଣ ସ୍ୱରୂପ ଗତ କିଛି ଦିନ ତଳେ ହାଟ ମୁନିଗୁଡା ଏମ୍ ଇ ସ୍କୁଲ୍ ର ଶିକ୍ଷୟିତ୍ରୀ ଆରତି ମିଶ୍ର ଙ୍କ ବିରୋଧରେ ଗୋଟିଏ ସ୍ଥାନରେ ପ୍ରାୟ ୨୫ ବର୍ଷରୁ ଉର୍ଦ୍ଧ୍ ଦିନ ରହି କାର୍ଯ୍ୟ କରୁଥିବା ବେଳେ ମଧ ସେହି ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁ ନାହିଁ ତେଣୁ ତାଙ୍କୁ ବଦଳି କରାଯାଉ ବୋଲି ଗ୍ରାମବାସୀ ମାନେ ବାରମ୍ବାର କହିବା ପରେ ମଧ ବର୍ତମାନ ସୁଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତିନି ଥର ତଦନ୍ତରେ ଆସି ଘଟଣା କୁ ଚପାଇବା ପାଇଁ ଉଦ୍ୟମ କରାଯାଉଅଛି ।ଏହି ଦ୍ୱାର ଗୁଡ଼ି ବିଦ୍ୟାଳୟ ସମ୍ପର୍କରେ ଶିକ୍ଷା ବିଭାଗର ସମସ୍ତ ଉପସ୍ଥିତ ଅଧିକାରୀ ଙ୍କ ଜାଣତରେ ହିଁ ଏପରି ବ୍ୟବସ୍ଥାର ହୋଇଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ତେଣୁ ଯେଉଁ ଦ୍ୱାର ଗୁଡ଼ି ବିଦ୍ୟାଳୟରେ ୫ ବର୍ଷ ରୁ ଉର୍ଦ୍ଧ ଦିନ ହେବ ପାଠ ପଢା ନାହିଁ ସେହି ବିଦ୍ୟାଳୟର ଦୁଇ ଜଣ ଶିକ୍ଷକ ଙ୍କ ଦରମା ରିକୋବରି କରାଯାଉ ଓ ଦୁଇ ଶିକ୍ଷକ ଶେଖର ଲାଲ୍ ଆନ୍ଧୁରୁ ଓ ଉମାକାନ୍ତ ପରିଡ଼ା ଏହି ଶିକ୍ଷକ ମାନଙ୍କ ଦରମା ବନ୍ଦ କରିବାକୁ ଉମା ଗୌଡ, ସରପଞ୍ଚ ଜୟା କାଡାରାକା,ଏମ୍ ପି ପ୍ରତିନିଧି ଚନ୍ଦ୍ର ଶେଖର କୁସୁଲିଆ,ଧନୁ ସିକକା,ଧୋଡି ସିକକା, ଲକ୍ଷଣ ନିସିକା, ବୁର୍ଜ ନିସିକା, ରଙ୍ଗ ସିକକା ଓଡ୍ ମେମ୍ବର ଓ ସମସ୍ତ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଏବଂ ସେମାନେ ଅଙ୍ଗନବାଡ଼ି କେନ୍ଦ୍ର ମଧ ନଥିବା କହିଛନ୍ତି। ଏଠି ଜିଲ୍ଲା ପ୍ରଶାସନ କିପରି ନିଜ ଜିଲ୍ଲାର ଖବର ରଖୁ ନାହାନ୍ତି ତାହା ଏବେ ସମସ୍ତ ଜନସାଧାରଣ ମାନଙ୍କ ମନରେ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି।

# ଜାତୀୟ ରାଜପଥ ଠିକାଦାରଙ୍କ ମନମାନି

## ହତସନ୍ତ ଯାତ୍ରୀ ଓ ବ୍ୟବସାୟୀ

**ଓଡ଼ାପଡ଼ା,(ମହାଭାରତ) :** ଜାତୀୟ ରାଜପଥ ଠିକାଦାର ଙ୍କ ମନମାନି ଯୋଗୁଁ ଜନସାଧାରଣ ନାହିଁନଥିବା ସମସ୍ୟାରେ ସମ୍ମୁଖୀନ ହେଉଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ସାଧାରଣରେ ଅଭିଯୋଗ ହୋଇଛି। ହିନ୍ଦୋଳ ରୋଡ ବଜାର ମଧ୍ୟରେ ନିର୍ମାଣଧୀନ ଜାତୀୟ ରାଜପଥ ଦୁଇ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ ଦିର୍ଘଦିନରୁ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏହା ସହିତ ସର୍ଭିସ ରୋଡ କଡ଼ରେ ଡ୍ରେନ ନିର୍ମାଣ ମଧ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି ଫଳରେ ଜନସାଧାରଣ ଓ୍ୱ୍ୟବସାୟୀ ମାନେ ନାହିଁନଥିବା ସମସ୍ୟାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ତୃଟିପୂର୍ଣ୍ଣ ଜାତୀୟ ରାଜପଥ ନିର୍ମାଣ ରେ ପାଣି ନିଷ୍କାସନ ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇନଥିବା ରୁ ରାସ୍ତା ଉପରେ ବର୍ଷାଜଳ ଜମି ରହି ରାସ୍ତା ନଷ୍ଟ ହେବାକୁ ଯାଉଛି ଠିକାଦାର ଯେଉଁ ଡ୍ରେନ ନିର୍ମାଣ କରିଛନ୍ତି ସେହି ଡ୍ରେନ ରେ ମଧ୍ୟ ବର୍ଷାଜଳ ନିଷ୍କାସନ ନିମନ୍ତେ କୌଣସି ବ୍ୟବସ୍ଥା ନଥିବା ରୁ ସର୍ଭିସ ରୋଡ ଟି ଭାଙ୍ଗିବା ଆରମ୍ଭ କଲାଣି। ଡ୍ରେନ ରେ ପାଣି ନିଷ୍କାସନ ନହୋଇବାରୁ ସର୍ଭିସ ରୋଡ ଟି ପାଣି କାଦୁଅ ଭର୍ତ୍ତି ହୋଇ ଗମନାଗମନ ରେ ବାଧା ସୃଷ୍ଟି କରିବା ସହିତ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ରାସ୍ତା ର ଅବସ୍ଥା ଜିଲ୍ଲା ସ୍ତରୀୟ ସମସ୍ତ ପ୍ରଶାସନିକ ଅଧିକାରୀ ଙ୍କ ସହିତ ଜିଲ୍ଲାପାଳ ସେହି ରାସ୍ତାଦେଇ ଯାତାୟାତ କରୁଥିବା ବ୍ଵେଳେ ସେଥି ପ୍ରତି କୌଣସି ଅଧିକାରୀ ଦୃଷ୍ଟି ନଦେବା ଜନସାଧାରଣ ଙ୍କୁ ଆଶ୍ଚର୍ଯ୍ୟ କରିଛି। ସର୍ଭିସ ରୋଡ କଡ଼ରେ ନିର୍ମାଣ ଧିନ ଡ୍ରେନ



ରେ ବର୍ଷା ଜଳ ନିଷ୍କାସନ ହୋଇ ନପାରୀ ରାସ୍ତା ଭାଙ୍ଗିବା ଆରମ୍ଭ କଲାଣି।ଏ ସମ୍ପର୍କରେ ହିନ୍ଦୋଳ ରୋଡ ବଜାର ପକ୍ଷରୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବା ରୁ ୍ୟବସାୟୀ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଗଲେ୍ୟବସାୟୀ ମାନେ ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଜବର ଦଖଲ ଉଚ୍ଛେଦ ପରେ ପୁଣି ହେଉଛି ଜବର ଦଖଲ

**ଦନଗଦି,(ମହାଭାରତ) :** ରାଜ୍ୟ ସରକାରଙ୍କର ସରକାରୀ ଜମି ଜବର ଦଖଲରୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ପରେ ତହସିଲ ସ୍ତରରେ ଅଫିସର ମାନଙ୍କ ନିଦ ଭାଙ୍ଗି ନାହଁ, ଯାଜପୁର ଜିଲ୍ଲା ଦାନଗଦି ତହସିଲ ଅଧୀନରେ ସରକାରୀ ଜମି କୁ ନିର୍ଭୟରେ ଚାଲିଛି ଜବରଦଖଲ ଓ ଘର ନିର୍ମାଣ,ଶିକ୍ଷାଞ୍ଚଳ ହୋଇ ଥିବାରୁ ଏହି ତହସିଲ ଅଧୀନରେ ଥିବା ସରକାରୀ ଜାଗା ଗୁଡ଼ିକୁ ବାହାର ଲୋକମାନେ ଆସି ମାଡିବସି ବେପାର କରିବା ପାଇଁ ରାତାରାତି ଘର କରିଦେଉଛନ୍ତି, ଘର ଭଡା, ଦୋକାନ ଘର କରି ଭଡା ଦେଉଛନ୍ତି, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦାନଗଦି ତହସିଲ ଅଫିସ ଚାରିପାଖରେ ଜବର ଦଖଲ ବଢ଼ି ଚାଲିଛି, ଆହୁରି ଆଶ୍ଚର୍ଯ୍ୟ କରିଛି ତ୍ରିଜଙ୍ଗା ପଂଚାୟତର ରାଜରାସ୍ତା କଡ଼ରେ ଥିବା ସିଙ୍ଗା ଗାଡ଼ିଆ ଛକରେ ପୂର୍ବରୁ ତହସିଲଦାର ଥିବା ନମ୍ରଦା ମୋଦୀ ବେଇଆନ ସରକାରୀ ଜାଗାରେ ଜବର ଦଖଲ କରି କରିଥିବା ଏକ ମାର୍କେଟ କଂପେକ୍ସ ଘର ମେସିନ ଲଗାଇ ଭାଙ୍ଗି ଉଚ୍ଛେଦ କରିଥିବା ବେଳେ, ଏବେ ସେହିଁ ଭଙ୍ଗା ଘର ଉପରେ ପୁନଃ ଘର ନିର୍ମାଣ କରି ସେଲୁନ, ଫଳ, ଜଳଖିଆ ଦୋକାନ ହେଲାଣି, ଏ ବିଷୟରେ ବର୍ତମାନ ତହସିଲଦାର ଦାୟିତ୍ୱ ରେ ସାରଦା ପ୍ରସନ୍ନ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ତଦନ୍ତ ହୋଇ କାର୍ଯାନୁଷ୍ଠାନ ହେବ ? ସବୁ ସରକାରୀ ବାବୁଙ୍କ ଜାଣତରେ ସଲା ସୁତୁରା ରେ ଏପରି ବେଆଇନ କାମ ହେଉଥିବା ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି, ବାଡ଼ ଯଦି ଫସଲ ଖାଇବ.. ସରକାର କରିବେ ଆଉ କଣ ? ଆଇନ ହୋଇଛି କଣ ଭାଙ୍ଗିବା ପାଇଁ ? ଯଦି ତହସିଲ ନାକ ନିଶ ତଳେ ଏପରି ବେଆଇନ କାମ ହେଉଛି, ପ୍ରଶାସନର ଛାଟ କୁ ବେଖାତିରି କରି ଜମି ମାଫିଆ ଏପରି କାମ କରୁଛନ୍ତି ତାହେଲେ ପ୍ରଶାସନ କରୁଛି କଣ ବୋଲି ବୁଦ୍ଧିଜୀବୀ ମାନେ ସନ୍ଦେହ କରୁଛନ୍ତି,ଦେଖାଯାଉ ତଦନ୍ତ କରି କାର୍ଯ୍ୟନୁଷ୍ଠାନ ନେବା ପାଇଁ ଆଉ କେତେଦିନ ଲାଗୁଛି ? ନା ଅଞ୍ଚଳ ରେ ଜବର ଦଖଲ ଏପରି ବଢୁଛି ,



# ପାରାଦୀପ ଇଫକୋରେ ଜିଲ୍ଲାସ୍ତରୀୟ ସିଆରବିଏନ ମକଡ୍ରିଲ ଆୟୋଜିତ




**ପାରାଦୀପ, (ମହାଭାରତ) :** ଇଫକୋ, ଜିଲ୍ଲା ପ୍ରଶାସନ ଓ ୦୩ ବିଏନ ଏନଡ଼ିଆରଏଫ ମିଳିତ ସହଯୋଗରେ କେମିକାଲ, ରେଡ଼ିଓଲୋଜିକାଲ, ବାୟୋ ଲୋଜିକାଲ ଓ ନ୍ୟୁକ୍ଲିଅର (ସିଆରବିଏନ) ସମ୍ବନ୍ଧୀୟ ଏକ ଜିଲ୍ଲା ସ୍ତରୀୟ ମକ ଡ୍ରିଲ ବା ଅଭ୍ୟାସ କୌଶଳ ଶୁକ୍ରବାର ଦିନ ଇଫକୋ ପାରାଦୀପ ୟୁନିଟ ଆମୋନିଆ ପ୍ଲାଣ୍ଟ ପରିସରରେ ଆୟୋଜିତ ହୋଇଯାଇଛି । ପରିବହନ ସମୟରେ ତରଳ ଆମୋନିଆ ଲିକେଜ ଏବଂ ତତଜନିତ ଦୁର୍ଘଟଣା ଏବଂ ଏହାର ନିୟନ୍ତ୍ରଣ ଉପରେ ଏହି ମକଡ୍ରିଲ ଅନୁଷ୍ଠିତ ହୋଇଥିଲା । ଏଥିରେ ଇଫକୋ, ଆଇଓସିଏଲ, ପାରାଦୀପ ବନ୍ଦର ସିଆଇଏସଏଫ କର୍ମଚାରୀ ଙ୍କ ସମେତ ଏନଡ଼ିଆରଏଫ ର ସଦସ୍ୟ ମାନେ ଅଂଶଗ୍ରହଣ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ପାରାଦୀପ ଶାଖାର ଆଞ୍ଚଳିକ ନିର୍ଦ୍ଦେଶକ ସି.ଏସ.ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧିକାରୀ ଓ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଯୋଗୁଁ ପଢ଼ିପାରୁ ନାହାନ୍ତି ପିଲା

## ବିଦ୍ୟାଳୟ ଗୃହ ନାହିଁ, ପାଳିଲେ ଚାଲିଛି ବିଦ୍ୟାଳୟ, ଗଛ ମୂଳରେ ପାଠ ପଢା, ବର୍ଷା ଦିନରେ ବିଦ୍ୟାଳୟ ବନ୍ଦ

**ବିଷମକଟକ,(ମହାଭାରତ) :** ବର୍ଷେ ନୁହେଁ କି ଦୁଇ ବର୍ଷ ନୁହେଁ ପ୍ରାୟ ପାଞ୍ଚ ବର୍ଷ ରୁ ଉର୍ଦ୍ଧ ଦିନ ହେବ ବିଦ୍ୟାଳୟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଯୋଗୁଁ ପିଲା ମାନେ ପାଠ ପଢ଼ିବାର ବ୍ୟବସ୍ଥା ସମ୍ପୁର୍ଣ ଭୁଷୁଳି ପଡ଼ିଛି। ପିଲାମାନେ ପାଠ ପଢ଼ିବାକୁ ଆଗ୍ରହ ଥିଲେ ମଧ୍ୟ ଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ପିଲା ପାଠ ପଢି ପାରୁ ନାହାଁନ୍ତି।ଏପରି ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଡାଲିଆକୁଜି ପଂଚାୟତର ଦ୍ୱାରଗୁଡି ଗ୍ରାମ ଠାରେ ଆଜକୁ ୫ ବର୍ଷ ରୁ ଉର୍ଦ୍ଧ ହେବ ପିଲା ଗଛ ମୂଳରେ ପାଠ ପଢୁଛନ୍ତି। ବିଦ୍ୟାଳୟ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଯୋଗୁଁ ପିଲା ଗଛ ମୂଳରେ ପାଠ ପଢୁଛନ୍ତି। ଏବଂ ବର୍ଷା ଦିନ ଆସିଲେ ପାଠ ପଢା ବନ୍ଦ। ଏଠି ଶିକ୍ଷକ ମାନେ ପାଳି କରି ଆସନ୍ତି ହେଲେ ମାସକୁ ୧୫ ଦିନ ଗଲେ ଆଉ ୧୫ ଦିନ ନାହିଁ। ଦରମା ଟଙ୍କା ଦୁଇ ବଣ୍ଟା ରେ ଚାଲିଛି ଶିକ୍ଷା ବିଭାଗର ଅଧିକାରୀ ଙ୍କ ଦ୍ୱାରା। ଶିକ୍ଷକ ଘରେ ବସି ଦରମା ନେଉଛନ୍ତି ବୋଲି ଡାଲିଆ କୁଜି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି।ଦିନେ ନୁହେଁ କି ଦୁଇ ଦିନ ନୁହେଁ ପ୍ରାୟ ୫ ବର୍ଷ ରୁ ଉର୍ଦ୍ଧ ହେବ ମହା ଦୁର୍ନୀତି ରେ ଚାଲିଛି ଶିକ୍ଷା ବ୍ୟବସ୍ଥା। ଏଠି ସରକାର ଆଦିବାସୀ ଡଙ୍ଗରିଆ କନ୍ଧ ପିଲା ମାନଙ୍କୁ ପାଠ ପଢ଼ାଇବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି ହେଲେ ଏଠି ପାଠ ପଢା ସାତ ସପନ । ଏଠି ଡଙ୍ଗରିଆ ଆଦିବାସୀ ପିଲାଙ୍କ ଭବିଷ୍ୟତ ରେ ଖେଳ ଖେଳୁଛନ୍ତି ଶିକ୍ଷା ବିଭାଗ। ଏହି ସମ୍ପର୍କରେ ରାୟଗଡ଼ା ଜିଲ୍ଲାର ପୂର୍ବତନ ଶିକ୍ଷା ଅଧିକାରୀ ପୁରୁନ ଚନ୍ଦ୍ର ବରିଆ ଓ ସି ଆର ସି ହେମନ୍ତ କୁମାର ପଣ୍ଡା ଙ୍କୁ ବାରମ୍ବାର ଗ୍ରାମ ବାସୀ ଅଭିଯୋଗ କରିବା ପରେ ମଧ୍ୟ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରିନଥିବା ରୁ ଗ୍ରାମ ବାସୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏବେ ଏହି ଦ୍ୱାର ଗୁଡ଼ି ପିଲା ମାନଙ୍କ ଭବିଷ୍ୟତ ପାଇଁ କିଏ ଦାୟୀ ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରିଛନ୍ତି। ଏହି ଦ୍ୱାର ଗୁଡି ଗ୍ରାମକୁ ଗମନାଗମନ ପାଇଁ ରାସ୍ତା ସମ୍ପୁର୍ଣ୍ଣ ଖରାପ ହେଲେ ଡଙ୍ଗରିଆ କନ୍ଧମାନେ କିପରି ନିଜ ଘର କାର୍ଯ୍ୟ କରୁଛନ୍ତି। ହେଲେ ପ୍ରଶାସନ କାହିଁକି ବିଦ୍ୟାଳୟ କାର୍ଯ୍ୟ କରିପାରିବେ ନାହିଁ ବୋଲି ଗ୍ରାମବାସୀ ମାନେ କହିଛନ୍ତି।ସବୁଠାରୁ ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକରେ ହି ଶିକ୍ଷା ବ୍ୟବସ୍ଥା ବହୁତ ଅସୁବିଧାରେ ଚାଲିଛି। ଉଦାହରଣ ସ୍ୱରୂପ ଗତ କିଛି ଦିନ ତଳେ ହାଟ ମୁନିଗୁଡା ଏମ୍ ଇ ସ୍କୁଲ୍ ର ଶିକ୍ଷୟିତ୍ରୀ ଆରତି ମିଶ୍ର ଙ୍କ ବିରୋଧରେ ଗୋଟିଏ ସ୍ଥାନରେ ? ପ୍ରାୟ ୨୫ ବର୍ଷରୁ ଉର୍ଦ୍ଧ୍ୱ ଦିନ ରହି



କାର୍ଯ୍ୟ କରୁଥିବା ବେଳେ ମଧ୍ୟ ସେହି ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁ ନାହିଁ ତେଣୁ ତାଙ୍କୁ ବଦଳି କରାଯାଉ ବୋଲି ଗ୍ରାମବାସୀ ମାନେ ବାରମ୍ବାର କହିବା ପରେ ମଧ୍ୟ ବର୍ତମାନ ସୁଧା କୌଣସି କାର୍ଯାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତିନି ଥର ତଦନ୍ତରେ ଆସି ଘଟଣା କୁ ଚପାଇବା ପାଇଁ ଉଦ୍ୟମ କରାଯାଉଅଛି ।ଏହି ଦ୍ୱାର ଗୁଡ଼ି ବିଦ୍ୟାଳୟ ସମ୍ପର୍କରେ ଶିକ୍ଷା ବିଭାଗର ସମସ୍ତ ଉପସ୍ଥିତ ଅଧିକାରୀ ଙ୍କ ଜାଣନ୍ତରେ ହିଁ ଏପରି ବ୍ୟବସ୍ଥାର ହୋଇଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ତେଣୁ ଯେଉଁ ଦ୍ୱାର ଗୁଡ଼ି ବିଦ୍ୟାଳୟରେ ୫ ବର୍ଷ ରୁ ଉର୍ଦ୍ଧ ଦିନ ହେବ ପାଠ ପଢା ନାହିଁ ସେହି ବିଦ୍ୟାଳୟର ଦୁଇ ଜଣ ଶିକ୍ଷକ ଙ୍କ ଦରମା ରିକୋବରି କରାଯାଉ ଓ ଦୁଇ ଶିକ୍ଷକ ଶେଖର ଲାଲ୍ ଆନ୍ଧୁରୁ ଓ ଉମାକାନ୍ତ ପରିଡ଼ା ଏହି ଶିକ୍ଷକ ମାନଙ୍କ ଦରମା ବନ୍ଦ କରିବାକୁ ଉମା ଗୌଡ, ସରପଞ୍ଚ ଜୟା କାଡାରାକା,ଏମ୍ ପି ପ୍ରତିନିଧି ଚନ୍ଦ୍ର ଶେଖର କୁସୁଲିଆ,ଧନୁ ସିକକା,ଧୋଡି ସିକକା, ଲକ୍ଷଣ ନିସିକା, ବୁର୍ଜ ନିସିକା, ରଙ୍ଗ ସିକକା ଓଡ୍ ମେମ୍ବର ଓ ସମସ୍ତ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଏବଂ ସେମାନେ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ନଥିବା କହିଛନ୍ତି। ଏଠି ଜିଲ୍ଲା ପ୍ରଶାସନ କିପରି ନିଜ ଜିଲ୍ଲାର ଖବର ରଖୁ ନାହାନ୍ତି ତାହା ଏବେ ସମସ୍ତ ଜନସାଧାରଣ ମାନଙ୍କ ମନରେ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି।ଏହି ସମ୍ପର୍କରେ ରାୟଗଡ଼ା ଜିଲ୍ଲା ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀ ବସନ୍ତ କୁମାର ନାୟକ ଙ୍କୁ ୯୪୩୯୧୨୫୮୭୦ ନମ୍ବର ରେ ଯୋଗାଯୋଗ କରିବାରୁ ସେ ମିଟିଂ ରେ ଅଛି କହି ଫୋନ୍ କାଟି ଦେଇଥିଲେ। ତାପରେ ବିଷମକଟକ ବିଡ଼ିଓ ସଦାଶିବ ନାୟକ ଓ ବିଷମକଟକ ତହସିଲଦାର କେ ଭେଙ୍କଟସ୍ ରେଡି ଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଯଦି ଏହାର ଅତି ଶିଘ୍ର ସମସ୍ୟାର ସମାଧାନ ନକରାଯାଏ ତାହେଲେ ମୁଖ୍ୟ ମନ୍ତ୍ରୀ ଙ୍କୁ ଅବଗତ କରାଯିବ ବୋଲି ଗ୍ରାମବାସୀ ମାନେ କହିଛନ୍ତି।

# ଦେଓଗାଁରେ +୨ କଲେଜ ଖୋଲିବାକୁ ଦାବି

**କଳାହାଣ୍ଡି,(ମହାଭାରତ) :** ଦେଓଗାଁରେ +୨ ଖୋଲିବା ପାଇଁ ଦାବି ହୋଇଛି। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ଆଦିବାସୀ ଅଧ୍ୟୁଷିତ ଦେଓଗାଁ ଅଞ୍ଚଳ ଅବହେଳିତ ହୋଇ ପଡ଼ିଛି। ଏହି ଅଞ୍ଚଳର ୯୦% ଆଦିବାସୀ ହୋଇଥିବାବେଳେ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି। ୧୯୪୮ ମସିହାରେ ପ୍ରତିଷ୍ଠା ହୋଇଥିବା ଦେଓଗାଁ ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ଉନ୍ନିତ ଉଚ୍ଚ ବିଦ୍ୟାଳରେ ପରିଣତ ହୋଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନେ ଅଧ୍ୟୟନ କରୁଛନ୍ତି। ଏଠାରେ +୨ କଳା କିମ୍ବା ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ବାରମ୍ବାର ଦାବି ହୋଇ ଆସୁଛି କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। ବିଡମ୍ବନାର ବିଷୟ ଦେଓଗାଁରେ +୨ ଶ୍ରେଣୀ ଖୋଲିନଥିବାରୁ ଏହି ଅଞ୍ଚଳର ଛାତ୍ରଛାତ୍ରୀମାନେ ୨୦ କିଲୋମିଟର ଦୂର କେସିଙ୍ଗା ଓ ନର୍ଲା କିମ୍ବା ୩୦ କିଲୋମିଟର ଦୂର ଭବାନୀପାଟଣା ଯିବାପାଇଁ ବାଧ୍ୟ ହେଉଛନ୍ତି। ଅନେକ ଅବିଭାବକ ସେମାନଙ୍କ ପିଲାଙ୍କୁ +୨ ପଢ଼ାଇ ପାରୁ ନାହାଁନ୍ତି। ଏଣୁ ଦେଓଗାଁ ବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ



ବିଦ୍ୟାଳୟ ଖୋଲିବା ପାଇଁ ସାଧାରଣରେ ଦାବୀ ହେଉଛି। ସରକାର ତୁରନ୍ତ ଦେଓଗାଁ ସ୍କୁଲକୁ ଉନ୍ନୀତ କରି ଏଠି ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ କରାନ୍ତୁ ବୋଲି କେସିଙ୍ଗା ବ୍ଲକ ଉପାଧ୍ୟକ୍ଷ ରାଜଲକ୍ଷ୍ମୀ ପଟ୍ଟନାୟକ, ଦେଓଗାଁ ସରପଞ୍ଚ ଡମ୍ବରୁଧର ପଟ୍ଟନାୟକ, କଳାହାଣ୍ଡିର ବିଶିଷ୍ଟ ସମାଜସେବୀ ତଥା କୁଣ୍ଡାବନ୍ଧ ସମିତି ସଭ୍ୟ ମନୋଜ କୁମାର ପଟ୍ଟନାୟକ, ଦେଓଗାଁ ନାଏବ ସରପଞ୍ଚ ଭାସ୍କର ଶବର, ପୂର୍ବତନ ସମିତି ସଭ୍ୟ ବିଦ୍ୟାଧର ରଣା, ଗଜିନ୍ଦ୍ର ଶବର, କମଳିନୀ ଶବର, ପୂର୍ବତନ ସରପଞ୍ଚ ସାଧୁରାମ ଭୋଇ, ଚମେଶ୍ୱର ଭୋଇ, ଉମାକାନ୍ତ ଶବର, ପାନପତ୍ରୀ ରଣା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେଶରୀ ଶବର, ଜିଲ୍ଲା ପରିଷଦ ସଦସ୍ୟା ସୁନିତା ଶବର, ବୁଦ୍ଧିଜୀବୀ ବିଦ୍ୟା ଶବର, କୈଳାସ ଭୋଇ, ହିରଣ୍ୟ ଶବର, ଲଡୁ ବାରିକ, ଦିପୁ ଶବର, ଅନିରୁଦ୍ଧ ହରିଜନ, ଭାସ ଶବର, ବଳଶ ଶବର, କୃପା ଶବର, ଆମ୍ରି ଶବର, ବୃଷଭ ଭୋଇ, ବିଶ୍ୱନାଥ ଶବର ପ୍ରମୁଖ ଦାବି କରିଛନ୍ତି।

# ଟଲି ରିକ୍ସା ଓ ଅଟୋ ମୁହାଁମୁହିଁ ଧକ୍କା , ଦୁଇ ଆହାତ

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ବଜାର ନିକଟସ୍ଥ ଠାକୁରମୁଣ୍ଡା – ଚମ୍ପାଝର ରାସ୍ତା ରେ ବଜାର ରୁ ୫୦୦ମିଟର ଦୂରରେ ଏକ ଟୋଲି ଏବଂ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଓଟୋ ଚାଳକ ଓ ଟଲି ଆରୋହି ଦୁଇ ଜଣ ଆହାତ ହୋଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଡଉ ୧୧ ଡ ୫୪୧୧ ବିଶିଷ୍ଟ ଅଟୋ ରେ ଡ୍ରାଇଭର ଦିର୍ବ ଗାଁର ଶିବ ମହାନ୍ତ ସାମାନ୍ୟ ଆହତ ହୋଇଥିଲା ବେଳେ ଟଲି ଚାଳକ ମଧ୍ୟ ପ୍ରାଥମିକ ଚିକିତ୍ସା ପରେ ଛାଡିଦେଇଥିବା ଜଣାପଡିଛି। ତେବେ ଅଟୋ ଟି ରାସ୍ତା କୋଡକୁ ଓଲଟି ପଡିଥିଲା ବେଳେ ଅଳ୍ପକେ ବର୍ତ୍ତିଲେ ଟଲି ରିକ୍ସା ଚଳକ।



# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**ଅନୁଗୋଳ,(ମହାଭାରତ) :** ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସକୁ ପୂର୍ବ ବର୍ଷ ଗୁଡିକ ଭଳି ମହାସମାରୋହରେ ପାଳନ କରାଯିବା ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ଅବ୍ଦାଲ୍ ଏମ୍ ଅତାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କେ ଶ୍ରବଣ କୁମାର ସଭାପତିଙ୍କ ସମେତ ସଭାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟା ଓ ସଦସ୍ୟମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ଏହି ଉତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ଉପସ୍ଥିତ ଥିବା ସମସ୍ତ ସଦସ୍ୟା ଓ ସଦସ୍ୟମାନଙ୍କୁ ଅଧ୍ୟକ୍ଷ ସମ୍ବୋଧନ କରିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ସ୍ୱାଧୀନତା ଦିବସର ପ୍ରତ୍ୟୁଷରୁ ସହରରେ ଡାକବାଜୀ ଯନ୍ତ୍ର ଯୋଗେ ରାମଧୁନ ପରିବେଷଣ କରାଯିବ । ପୂର୍ବାହ୍ନ ୬ ଘଟିକାରେ ପ୍ରଭାତ ଫେରୀ, ୭ ଘଟିକା ୩୦ ମିନିଟ୍ ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଘରୋଇ କୋଠାବାଡିରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ପୂର୍ବାହ୍ନ ୯ ଘଟିକା ୧୫ ମିନିଟ୍ ସମୟରେ ପିଟିସି ପଡିଆ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ କରାଯିବ । ଏହି ଦିବସ ଉପଲକ୍ଷେ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଗଲା । ଗତ ହାଇସ୍କୁଲ ସାର୍ଟିଫିକେଟ ପରିକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ସେହିପରି ଗତ ସି ବି ଏସ୍ ଇ ଓ ଆଇ ସି ଏସ୍ ଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଲେଖାଏଁ ଛାତ୍ର ଓ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର କରାଗଲା । ପି ଟି ସି ପଡିଆ ଠାରେ ଅଗଷ୍ଟ ୧୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଅଭ୍ୟାସ ପ୍ୟାରେଡ ଅନୁଷ୍ଠିତ ହେବ । ଉତ୍ସବ ଦିନ ସନ୍ଧ୍ୟା ସମୟରେ ସ୍ଥାନୀୟ ସଭାଘର ଠାରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଛି । ଉତ୍ସବ ଦିବସ ସହ ଜଡିତ ବିଭିନ୍ନ ଅନୁଷ୍ଠାନ ବିଭାଗ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରଣୋନ୍ଦୁ ମହାନ୍ତିଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷ ସଂସ୍ଥାମାନଙ୍କର ପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧି, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବି, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

# ପଙ୍କପୂର୍ଣ୍ଣ ମାଟିଆଉଟା ପଶ୍ଚିମପଡ଼ା

## ଛାତ୍ରଛାତ୍ରୀ ସ୍କୁଲ ଯିବାରେ ହେଉଛି ଅସୁବିଧା

**ପାଟଣାଗଡ଼,(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ମାଟିଆଉଟା ଗ୍ରାମ/ପଞ୍ଚାୟତ ପଶ୍ଚିମ ପଡା ଦେଇ ଯାଇଥିବା ରାସ୍ତା ରେ ବର୍ଷାଋତୁ ଯୋଗୁଁ କାଦୁଅ ପଚ ପଚ ରାସ୍ତା ହୋଇଥିବା ରୁ ଲୋକେ ବାହାର କୁ ବାହାରି ବାରେ ଅସୁବିଧା ସୃଷ୍ଟି ହେଉଛି ଓ ଏପରି କି ଛାତ୍ର ଛାତ୍ରୀ ମାନେ ସ୍କୁଲ ଯିବାରେ ଅସୁବିଧା ର ସମ୍ମୁଖୀନ ହେଉଥିବା ର ଦେଖିବାକୁ ମିଳୁଛି ଓ ପଡ଼ା ର ରାସ୍ତା ରେ କାଦୁଅ ଥିବା ଯୋଗୁଁ ସନ୍ତ ସାନ୍ତୀୟ ପରିବେଶ ରେ ମଶା ମାଛିଙ୍କ ବଂଶ ବିସ୍ତାର କରୁଥିବା ଯୋଗୁଁ ମ୍ୟାଲେରିଆ ଜ୍ୱର ହେବା ର ସମ୍ଭାବନା ଦେଖା ଦେଉଛି ଓ ଏଣୁ ପଡ଼ା ବାସି ରାସ୍ତା ର ସ୍ୱଛି କରଣ ସାଙ୍ଗ କୁ ରାସ୍ତା ର ମରାମତି ପାଇଁ ଅନେକ ଥର ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି ଓ ରାସ୍ତା ରେ ମଇଳା ପାଣି ଗଡୁଥିବା ରୁ ଅସ୍ୱାସ୍ଥ୍ୟ କର ପରିବେଶ ଯୋଗୁଁ ରାସ୍ତା ରେ ଡ୍ରେନ ର ବ୍ୟବସ୍ଥା ପାଇଁ ମଧ୍ୟ ଅଭିଯୋଗ ହୋଇ ଥିଲା ହେଲେ ପଂଚାୟତ ସ୍ତର ରୁ କୌଣସି କାର୍ଯନୁଷ୍ଠାନ ନହେବା ରୁ ଅସନ୍ତୋଷ ରେ ପଡ଼ା ବାସି ଓ ଏବିଷୟ ରେ ବିଭାଗୀୟ ଅଧିକାରୀ ମାନେ ଧ୍ୟାନ ଦେବାକୁ ଦାବି ହେଉଛି ।



# ଉଦଳାରେ ମୌସୁମୀ ମେଳା ଉଦଘାଟିତ



**କପ୍ତିପଦା,(ମହାଭାରତ) :** କପ୍ତିପଦା – ମୟୁରଭଞ୍ଜ ଜିଲ୍ଲା ଉଦଳା ସ୍ୱର୍ଗତ ଅତୁଳ ନାଏକ ଙ୍କ ପଡିଆରେ ମା ମଙ୍ଗଳା ମୌସୁମୀ ମେଳା ଆରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଓ ଅନ୍ୟତମ ଅତିଥି ଭାବେ ଉଦଳା ଏନ ଏ ସି ଅଧକ୍ଷା ପ୍ରମିଳା ପଣ୍ଡା ଏହି ମେଳାକୁ ଉଦଘାଟନ କରିଥିଲେ । ଏହାପରେ ମେଳାରେ ଥିବା ବିଭିନ୍ନ ଦୋକାନ କୁ ପରିଦର୍ଶନ କରିବା ସହିତ ବ୍ୟବସାୟୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମେଳା ଉପରେ ବ୍ୟବସାୟୀ ମାନଙ୍କର ଜୀବନ ଜୀବିକା ନିର୍ବାହ କରୁଥିବାବେଳେ ଆଗକୁ କିପରି ଅଧିକ ଦିନ ଚାଲୁ ରହିବ ସେଥିପାଇଁ ବିଧାୟକ ଭାସ୍କର ମଢେଇ ଚେଷ୍ଟା କରିବେବୋଲି କହିଛନ୍ତି ।

# ଅଲିମ୍ପିକ୍ସ : କ୍ୱାର୍ଟରରେ ବ୍ରିଟେନକୁ ଭେଟିବ ଭାରତ



**ପ୍ୟାରିସ,୩।୮:** ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟ ନେଇ ପ୍ୟାରିସ ଯାଇଥିବା ଭାରତୀୟ ପୁରୁଷ ହକି ଟିମ କ୍ୱାର୍ଟର ଫାଇନାଲରେ ଗ୍ରେଟ ବ୍ରିଟେନକୁ ଭେଟିବ। ଶୁକ୍ରବାର ଅଲିମ୍ପିକ୍ସର ଗ୍ରୁପ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଶେଷ ହେବା ପରେ କ୍ୱାର୍ଟର ଫାଇନାଲ ଲାଇନ ଅପ ଚୂଡ଼ାନ୍ତ ହୋଇଛି।

ଭାରତ ଶେଷ ଗ୍ରୁପ ପର୍ଯ୍ୟାୟରେ ଅଷ୍ଟ୍ରେଲିଆକୁ ୩-୨ ଗୋଲରେ ହରାଇଥିଲା। ଏହି ବିଜୟ ପରେ ଭାରତ ଗ୍ରୁପ ବି'ର ଦ୍ୱିତୀୟ ସ୍ଥାନରେ ନିଜର ଅଭିଯାନ ଶେଷ କରିଛି। ବେଲଜିୟମ ୧ନଂ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ ତୃତୀୟ ଓ ଆର୍ଜେଣ୍ଟିନା ଗ୍ରୁପ ବିରୁ ୪ର୍ଥ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ଗ୍ରୁପ ଏ-ରୁ ଜର୍ମାନୀ, ନେଦରଲ୍ୟାଣ୍ଡ୍ସ, ଗ୍ରେଟ ବ୍ରିଟେନ ଓ ସ୍ପେନ କ୍ୱାର୍ଟରକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବେଲଜିୟମ କ୍ୱାର୍ଟର ଫାଇନାଲରେ ସ୍ପେନକୁ ଭେଟିବାକୁ ଥିବା ବେଳେ ଭାରତ ସହ ଗ୍ରେଟ ବ୍ରିଟେନର ଲଢେଇ ହେବ। ସେହିପରି ନେଦରଲ୍ୟାଣ୍ଡ୍ସର ମୁକାବିଲା ଅଷ୍ଟ୍ରେଲିଆ ସହ ଓ ଜର୍ମାନୀ ଗ୍ରୁପ ବିର ୪ର୍ଥ ଦଳ ଆର୍ଜେଣ୍ଟିନାକୁ ଭେଟିବ।

ଭାରତର ମ୍ୟାଚ୍ ଆସନ୍ତାକାଲି ଦିନ ୧.୩୦ରେ ଖେଳାଯିବ। ଦୀର୍ଘ ୫୨ ବର୍ଷ ପରେ ଅଲିମ୍ପିକ୍ସରେ ଭାରତୀୟ ହକି ଟିମ ଅଷ୍ଟ୍ରେଲିଆକୁ ଶୁକ୍ରବାର ହରାଇଥିଲା। ଏହି ବିଜୟ ସହ ଦଳର ମନୋବଳ ଦୃଢ଼ ରହିଛି। ତେଣୁ ଦଳ ଆସନ୍ତାକାଲି ଦମଦାର ପ୍ରଦର୍ଶନ କରିବ ବୋଲି ସମସ୍ତେ ଆଶା କରିଛନ୍ତି। ଗ୍ରେଟ ବ୍ରିଟେନ ତା'ର ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ଜର୍ମାନୀ ଠାରୁ ୦-୨ ଗୋଲରେ ପରାସ୍ତ ହୋଇଛି।

ଭାରତ ତା'ର ଅଲିମ୍ପିକ୍ସ ଅଭିଯାନ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୩-୨ ଗୋଲ ବିଜୟରୁ ଆରମ୍ଭ କରିଥିଲା। ଏହାପରେ ଦଳ ଆର୍ଜେଣ୍ଟିନା ସହ ମ୍ୟାଚକୁ ୧-୧ରେ ଡ୍ର ରଖିଥିଲା। ତୃତୀୟ ମ୍ୟାଚରେ ଭାରତୀୟ ଟିମ ଅପେକ୍ଷାକୃତ ଦୁର୍ବଳ ଆୟର୍ଲ୍ୟାଣ୍ଡକୁ ୨-୦ ଗୋଲରେ ମାତ ଦେଇଥିଲା। କିନ୍ତୁ ୪ର୍ଥ ମ୍ୟାଚ୍ରେ ଶକ୍ତିଶାଳୀ ବେଲଜିୟମ ସହ କଡ଼ା ସଂଘର୍ଷ କରି ୧-୨ରେ ହାରି ଯାଇଥିଲା। କିନ୍ତୁ ଶେଷ ମ୍ୟାଚରେ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆକୁ ହରମନପ୍ରୀତ ସିଂହଙ୍କ ଭାରତୀୟ ଟିମ ୩-୨ରେ ହରାଇ ଇତିହାସ ସୃଷ୍ଟି କରିଥିଲା।

# ଚମ୍ପିଆନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବନାହିଁ ଭାରତ



**ନୂଆଦିଲ୍ଲୀ,୩।୮:** ଯଦିଓ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏପର୍ଯ୍ୟନ୍ତ କୌଣସି ଅଫିସିଆଲ୍ ବିବୃତ୍ତି ଦେଇନାହିଁ, ଆଗାମୀ ଚମ୍ପିଆନ୍ସ ଟ୍ରଫିରେ ଭାରତ ଏହାର ସମସ୍ତ ମ୍ୟାଚ୍ ପାକିସ୍ତାନ ବାହରେ ଖେଳିବ। ଆଇସିସିର ଏ ନିଷ୍ପତ୍ତି ପରେ ଏହି ସମ୍ଭାବନା ସତରେ ପରିଣତ ହେବାକୁ ଯାଉଛି। କ୍ରିକବଜ୍ ରିପୋର୍ଟ ଅନୁଯାୟୀ କଲମ୍ବୋରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭା (ଏଜିଏମ୍)ରେ ଆଇସିସି ପ୍ରାୟ ୬୫ ମିଲିୟନ୍ ଡଲାରର ବଜେଟ୍ ଅନୁମୋଦନ କରିଛି। ଏହି ବଜେଟରେ ପାକିସ୍ତାନ ବାହାରେ କିଛି ଖେଳ ମ୍ୟାଚ୍ ସହିତ ଜଡିତ ଖର୍ଚ୍ଚ ହେବ।

ଆସନ୍ତା ବର୍ଷ ପାକିସ୍ତାନରେ ଖେଳାଯିବାକୁ ଥିବା ଚମ୍ପିଅନ୍ସ ଟ୍ରଫି ପାଇଁ ଯଦି ଭାରତୀୟ ଦଳ ପାକିସ୍ତାନ ଯିବାକୁ ମନା କରିବ ତେବେ ଆଇସିସି ସମସ୍ତ ସମ୍ଭାବନା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ମାର୍ଚ୍ଚ ୨୦୨୪ ରେ ପାକିସ୍ତାନରେ ପ୍ରସ୍ତାବିତ ମ୍ୟାଚ୍ ସ୍ଥାନଗୁଡିକର ଏକ ଯୋଜନା ବିଷୟରେ ପୂର୍ବରୁ ଅନୁଧ୍ୟାନ ସାରିଛି। ମ୍ୟାଚ ପୂର୍ବରୁ ସୁବିଧାଗୁଡ଼ିକର ନବୀକରଣ ପାଇଁ ଲାହୋର, କରାଚି ଏବଂ ରାଓ୍ୱଲପିଣ୍ଡି ତିନୋଟି ଷ୍ଟାଡିୟମରେ ବହୁ ପରିମାଣର ନବୀକରଣ କାର୍ଯ୍ୟ ଚାଲିଛି। ଯାହାର ଦାୟିତ୍ୱ ପିସିବି ନେଇଛି। ତେବେ ବଜେଟ୍ ସମ୍ବନ୍ଧରେ ଦେଖିଲେ ପ୍ରତିଯୋଗିତା ପାଇଁ ପ୍ରାୟ ୩୫ ମିଲିୟନ୍ ଡଲାର୍ ପ୍ରଦାନ କରାଯାଇଥିଲା ବେଳେ ଏଥିରେ ଅଂଶଗ୍ରହଣ ଏବଂ ପୁରସ୍କାର ରାଶି ପାଇଁ ଅତିରିକ୍ତ ୨୦ ମିଲିୟନ୍ ଡଲାର୍ ଦିଆଯାଇଛି। ସେହିପରି ୧୫ ମ୍ୟାଚ୍, ୨୦ ଦିନିଆ ଟୁର୍ନାମେଣ୍ଟକୁ ଟେଲିଭିଜନ୍ ସହିତ ଜଡିତ ଉତ୍ପାଦନ ଖର୍ଚ୍ଚ ପାଇଁ ଆଉ ୧୦ ମିଲିୟନ୍ ଡଲାର୍ ଅନୁମୋଦନ କରାଯାଇଛି।

# ତୀରନ୍ଦାଜିରେ ନିରାଶ କଲେ ଦୀପିକା

**ପ୍ୟାରିସ,୩।୮:** ତୀରନ୍ଦାଜିରୁ ଅଲିମ୍ପିକ୍ସ ପଦକ ପାଇଁ ଦୀର୍ଘ ୩୬ ବର୍ଷ ହେଲା ଭାରତ କରିଥିବା ଅପେକ୍ଷା ଆହୁରି ଲମ୍ବା ହୋଇଛି। ପ୍ୟାରିସ ଅଲିମ୍ପିକ୍ସରେ ଭାରତର ସମସ୍ତ ତୀରନ୍ଦାଜ ବିନା ପଦକରେ ନିଜର ଅଭିଯାନ ଶେଷ କରିଛନ୍ତି।



ପୁରୁଷ ଏକକ, ମହିଳା ଏକକ, ପୁରୁଷ ଟିମ, ମହିଳା ଟିମ, ମିକ୍ସଡ ଟିମ ଭଳି ଇଭେ ରେ ଭାରତ ଭାଗ ନେଇଥିଲେ ହେଁ ସବୁ ଥରେ ଦେଶକୁ ନିରାଶ ହେବାକୁ ପଡ଼ିଛି। ଧୀରଜ ଓ ଅଙ୍କିତା ଯୋଡ଼ି ସେମି ଫାଇନାଲ ଯାଏ ଯାଇଥିଲେ ହେଁ ଶୁକ୍ରବାର ବିନା ପଦକରେ ନିଜର ଅଭିଯାନ ଶେଷ କରିଥିଲେ। ମିକ୍ସଡ ଟିମରେ ଏମାନେ ହାରିବା ପରେ ଆଜି ଷ୍ଟାର ଖେଳାଳି ଦୀପିକା କୁମାରୀଙ୍କ ଉପରେ ସାରା ଦେଶର ନଜର ଥିଲା। ହେଲେ ସେ ମଧ୍ୟ କ୍ୱାର୍ଟର ଫାଇନାଲରେ ହାରି ସମସ୍ତଙ୍କୁ ନିରାଶ କରିଛନ୍ତି। ଦୀପିକାଙ୍କ ପରାଜୟ ସହ ଚଳିତ ପ୍ୟାରିସ ଅଲିମ୍ପିକ୍ସରେ ଭାରତର ତୀରନ୍ଦାଜି ଅଭିଯାନ ଶେଷ ହୋଇଛି। ବିନା ପଦକରେ ଦଳକୁ ସ୍ୱଦେଶ ଫେରିବାକୁ ପଡ଼ିଛି। ଆଜି କ୍ୱାର୍ଟର ଫାଇନାଲରେ ଦୀପିକାଙ୍କ ମୁକାବିଲା ଦକ୍ଷିଣ କୋରିଆର ସୁ-ହେଓନଙ୍କ ସହ ହୋଇଥିଲା। ଦୀପିକା ଆଗରେ ଥିଲେ ମଧ୍ୟ ଶେଷରେ ମ୍ୟାଚ୍ ହାରି ବାହାରର ରାସ୍ତା ଦେଖିଛନ୍ତି। ଗୁରୁତ୍ୱପୂର୍ଣ୍ଣ ୫ମ ସେଟରେ ସେ ୨୭-୨୯ରେ ସୁଙ୍କ ଠାରୁ ହାରିଥିଲେ। ସୁ ୬-୪ରେ ମ୍ୟାଚ ଜିତି ସେମିରେ ପ୍ରବେଶ କରିଛନ୍ତି। ପ୍ରଥମ ସେଟକୁ ଦୀପିକା ବେଶ ଚମତ୍କାର ଢଙ୍ଗରେ ୨୮-୨୬ରେ ଜିତିଥିଲେ। ଦ୍ୱିତୀୟ ସେଟକୁ ସୁ ୨୮-୨୫ରେ କବଜା କରିଥିଲେ। ତୃତୀୟ ସେଟ ଦୀପିକା ପୁଣି ୨୯-୨୮ରେ ଜିତିଥିଲେ। ଏଥିସହ ବ୍ୟବଧାନକୁ ୪-୨ କରି ଦେଇଥିଲେ। କିନ୍ତୁ ସୁ ଦମଦାର କମବ୍ୟାକ କରି ୪ର୍ଥ ସେଟକୁ ୨୯-୨୭ ଓ ୫ମ ସେଟକୁ ୨୯-୨୭ରେ ଜିତି ସେମିରେ ପ୍ରବେଶ କରିଥିଲେ।

# ଇଂଲଣ୍ଡ ଟେଷ୍ଟ ଦଳର ପ୍ରଶିକ୍ଷକ ଦୌଡ଼ରେ ଦ୍ରାବିଡ଼



**ନୂଆଦିଲ୍ଲୀ,୩।୮:** ମାଥ୍ୟୁ ମୋଟ୍ଙ୍କ ପରେ ଇଂଲଣ୍ଡ ଦିନିକିଆ ଓ ଟ୍ୱେଣ୍ଟି-୨୦ ଦଳର ନୂଆ ପ୍ରଶିକ୍ଷକ ପାଇଁ ଯୋଗ୍ୟ ପ୍ରାର୍ଥୀ ଖୋଜିବା ଆରମ୍ଭ କରିଛି ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି)। ଏହି ଦୌଡ଼ରେ ଇଂଲଣ୍ଡର ପୂର୍ବତନ କ୍ରିକେଟର୍ ରବର୍ଟ କି ଆଗରେ ଅଛନ୍ତି। ତଥାପି ବିଶ୍ୱର ଉଚ୍ଚ ମାନ୍ୟତା ପାଉଥିବା ପ୍ରଶିକ୍ଷକଙ୍କ ସହ ମଧ୍ୟ ଇସିବି ଯୋଗାଯୋଗ କରିବାକୁ ଯିବ ବୋଲି ପୂର୍ବତନ କ୍ରିକେଟର୍ ଇଅନ୍ ମୋର୍ଗାନ୍ କହିଛନ୍ତି। ତାଲିକାର ପ୍ରଥମ ସ୍ଥାନରେ ଭାରତୀୟ ଦଳର ପୂର୍ବତନ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ ଥିଲା ବେଳେ ରିକି ପଣ୍ଟିଂ, ଷ୍ଟିଫେନ୍ ଫ୍ଲେମିଂ ଓ ବ୍ରେଣ୍ଡନ୍ ମ୍ୟାକଲମ୍ଙ୍କ ସହିତ ଇସିବି ଯୋଗାଯୋଗ କରିବ ବୋଲି ଏକ ସାକ୍ଷାତକାରରେ ମୋର୍ଗାନ୍ କହିଛନ୍ତି। ମ୍ୟାକଲମ୍ ଏବେ ଇଂଲଣ୍ଡର ଟେଷ୍ଟ ଦଳର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଗତ ଟ୍ୱେଣ୍ଟି-୨୦ ବିଶ୍ୱକପ୍ରେ ଇଂଲଣ୍ଡର୍ ଖରାପ ପ୍ରଦର୍ଶନ ପରେ ମୁଖ୍ୟ ପ୍ରଶିକ୍ଷକ ମାଥ୍ୟୁ ମୋଟ୍ ତାଙ୍କ ପଦରୁ ଓହରିଯାଇଥିଲେ। ଦ୍ରାବିଡ଼ଙ୍କ ପ୍ରଶିକ୍ଷକ କାର୍ଯ୍ୟକାଳ ମଧ୍ୟ ଶେଷ ହୋଇଯାଇଛି। ସେ ଏବେ କେଣସି ପଦବିରେ ନଥିବାରୁ ତାଙ୍କ ଉପରେ ଇସିବି ନଜର ରଖିଥିବା ମୋର୍ଗାନ କହିଛନ୍ତି।

## ପ୍ୟାରିସକୁ ୪୦ ପୋର୍ଟେବଲ ଏସି ପଠାଇଲା କ୍ରୀଡା ମନ୍ତ୍ରଣାଳ।

**ପ୍ୟାରିସ,୩।୮:** ପ୍ୟାରିସରେ ଚାଲିଛି କ୍ରୀଡ଼ା ମହାକୁମ୍ଭ। ଏହାରି ଭିତରେ ସାମ୍ନାକୁ ଆସିଛି ଚିନ୍ତାଜନକ ଖବର। କ୍ରୀଡ଼ା ଗ୍ରାମରେ ଅତ୍ୟଧିକ ଗରମରେ ସନ୍ତୁଳି ହେଉଥିବା ଭାରତୀ। କ୍ରୀଡ଼ାବିତଙ୍କ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟର ବଡ଼ ପଦକ୍ଷେପ। ଗରମରୁ ରକ୍ଷା ପାଇବା ପାଇଁ ୪୦ଟି ପୋର୍ଟେବଲ ଏସି ପଠାଇଛି କ୍ରୀଡ଼ା ମନ୍ତ୍ରଣାଳ।। ରିପୋର୍ଟ ଅନୁସାରେ, ପ୍ୟାରିସରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ତେବେ କ୍ରୀଡ଼ା ଗ୍ରାମରେ ଏସିର ବନ୍ଦୋବସ୍ତ ନହୋଇଥିବାରୁ ଅଧିକାଂଶ ଦେଶ ଆୟୋଜକଙ୍କ ନିଷ୍ପତ୍ତିରେ ଅସନ୍ତୋଷ ଜାହିର କରିଥିଲେ।

# ହାରିବା ପରେ ଖାଇଲେନି ଜରିନ

**ପ୍ୟାରିସ,୩।୮:** ବକ୍ସିଂରେ ଦୁଇ ଥରର ବିଶ୍ୱ ଚାମ୍ପିୟନ ନିକହତ ଜରିନଙ୍କ ପ୍ୟାରିସ ଅଲିମ୍ପିକ୍ସ ଯାତ୍ରା ଶେଷ ହୋଇଛି।ଦେଶ ପାଇଁ କୌଣସି ପଦକ ଆଣି ପାରିନଥିବାରୁ ଦୁଃଖ ପ୍ରକାଶ କରିଛନ୍ତି ନିକହତ। ପରାଜୟ ପରେ ନିକହତ କହିଛନ୍ତି, ମୁଁ ଖୁବ୍ ଦୁଃଖିତ, ଦେଶ ପାଇଁ ପଦକ ଜିତି ପାରିଲିନି। ଏହି ସ୍ଥାନରେ ପହଞ୍ଚିବା ପାଇଁ ମୁଁ ମୋର ସମସ୍ତ ଚେଷ୍ଟା କରିଥିଲି। ପ୍ୟାରିସ ଅଲିମ୍ପିକ୍ସ ପାଇଁ ମୁଁ ନିଜକୁ ମାନସିକ ଏବଂ ଶାରୀରିକ ସ୍ତରରେ ଭଲ ଭାବରେ ପ୍ରସ୍ତୁତ କରିଥିଲି ହେଲେ ପଦକ ଜିତି ପାରିଲିନି। ମୁଁ ଦୁଇ ଦିନ ଖାଇ ନଥିଲି, ଏପରିକି ପାଣି ମଧ୍ୟ ପିଇନଥିଲି। ଓଜନ ବଜାୟ ରଖିବା ପାଇଁ ମୁଁ ଏସବୁ କରିଥିଲି। ଆଜି ଯଦି ମୁଁ ପଦକ ଜିତିଥାନ୍ତି, ତେବେ ମୋର ଏସବୁ ପ୍ରୟାସକୁ ପ୍ରଶଂସା କରାଯାଇଥାନ୍ତା।



କିନ୍ତୁ ବର୍ତ୍ତମାନ ଏସବୁ ବାହାନା ପରି ଲାଗିବ ବୋଲି ନିକହତ କହିଛନ୍ତି। ପ୍ରକାଶ ଥାଉକି, ପ୍ୟାରିସ ଅଲିମ୍ପିକ୍ସର ଷଷ୍ଠ ଦିନରେ ବକ୍ସିଂରେ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା।ଭାରତ ପକ୍ଷରୁ ନିକହତ ପ୍ରତିଦ୍ୱନ୍ଦ୍ୱିତା କରୁ ଥିବାବେଳେ ସେ ଚୀନର ୱୁ ୟୁଙ୍କଠାରୁ ପରାସ୍ତ ହୋଇଥିଲେ। ଫଳରେ ବକ୍ସିଂରୁ ପଦକ ଆଶା ମଉଳି ଯାଇଥିଲା।

# ବକ୍ସିଂ ରିଙ୍ଗରେ ଲିଙ୍ଗଗତ ବିବାଦ

**ନୂଆଦିଲ୍ଲୀ,୩।୮:** ଅଲିମ୍ପିକ୍ସ ବକ୍ସିଂ ରିଙ୍ଗ୍ରେ ଆଲ୍ଜେରୀ। ବକ୍ସର୍ ଇମେନ୍ ଖଲିଫ୍ଙ୍କୁ ନେଇ ଦେଖାଦେଇଥିବା ବିବାଦକୁ ଓଡ଼ିଶା ଅଲମ୍ପିଆନ୍ ଦୂତି ଚାନ୍ଦ ସମର୍ଥନ କରିଛନ୍ତି। ମୁଷ୍ଟିଯୁଦ୍ଧର ମହିଳା ୬୦ କେଜି ବର୍ଗରେ ଇମେନଙ୍କ ବିପକ୍ଷ ବାଉଟ୍ ବେଳେ ଇଟାଲିର ଆଞ୍ଜେଲା କାରିନି ମାତ୍ର ୪୬ ସେକେଣ୍ଡରେ ଓହରି ଯାଇଥିଲେ। ଇମେନ୍ଙ୍କ ଲିଙ୍ଗକୁ ନେଇ ଗତବର୍ଷଠୁ ବିବାଦ ଦେଖାଦେଇଥିଲା ବେଳେ ତାଙ୍କୁ ମହିଳା ବର୍ଗରେ କିପରି ଖେଳାଇବାକୁ ଅନୁମତି ଦିଆଗଲା ବୋଲି କାରିନି ପ୍ରଶ୍ନ କରିଛନ୍ତି। ଇମେନ୍ଙ୍କପ୍ ଏତେ ଶକ୍ତ ଥିଲା ଯେ କାରିନିଙ୍କୁ ବଡ଼ କ୍ଷତ ଦେଇଥିଲା। ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହି ପ୍ରସଙ୍ଗ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। କେତେକ ଇମେନ୍ଙ୍କୁ 'ପୁରୁଷ' କହୁଥିଲା ବେଳେ ଆଉ କେତେକ 'ତୃତୀୟଲିଙ୍ଗୀ' କହୁଛନ୍ତି। କିନ୍ତୁ ତାଙ୍କର ଅଲିମ୍ପିକ୍ସରେ ଅଂଶଗ୍ରହଣକୁ ଆନ୍ତର୍ଜାତିକ ଅଲିମ୍ପିକ୍ସ ସମିତି (ଆଇଓସି) ସମର୍ଥନ କରିଛି। ଦୂତି ମଧ୍ୟ ସମାନ ପରିସ୍ଥିତିର ସାମ୍ନା କରିଛନ୍ତି। ତାଙ୍କ ଶରୀରରେ ପ୍ରାକୃତିକ ଭାବେ ଟେଷ୍ଟୋଷ୍ଟେରନ୍ର ମାତ୍ରା ଅଧିକ ଥିବାରୁ ସେ ଆଇଓସିକୁ ଚ୍ୟାଲେଞ୍ଜ କରିଥିଲେ ଓ ବିଜୟୀ ହୋଇଥିଲେ। ତାଙ୍କ ମତରେ ହରମୋନ୍ର ସ୍ତର ଜଣେ କ୍ରୀଡ଼ାବିତ୍ର ପ୍ରଦର୍ଶନରେ ଉନ୍ନତି ଆଣିପାରିବ ନାହିଁ। ଆଇଓସି ନିୟମ ଅନୁସାରେ ଟେଷ୍ଟୋଷ୍ଟେରନ୍ ମାତ୍ରା ଅଧିକ ରହିଥିବାରୁ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ବାରଣ କରାଯାଇଥିଲା। ବାରମ୍ବାର ଏଭଳି ହେବାରୁ ଲିଙ୍ଗକୁ ନେଇ ସେ ଅନେକ ବିବାଦର ସମ୍ମୁଖୀନ ହୋଇଥିଲେ। ଏବେ ପ୍ୟାରିସରେ ଆଲଜେରୀ। ବକ୍ସରଙ୍କ ଟେଷ୍ଟୋଷ୍ଟେରନ୍ ମାତ୍ରାକୁ ନେଇ ଆଲୋଚନା କରାଯାଉଛି।

# ମଉଳିଗଲା ମନୁଙ୍କ ହ୍ୟାଟ୍ରିକ୍ ମେଡାଲ ଆଶା

**ପ୍ୟାରିସ୍,୩।୮:** ଗୋଟିଏ ଇଭେ ରେ ଦୁଇଟି ପଦକ ଜିତି ଇତିହାସ ରଚିଥିବା ଶୁଟର ମନୁ ଭାକର ଶେଷରେ ନିରାସ ହୋଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସର ୨୫ ମିଟର ପିସ୍ତଲ ଫାଇନାଲରେ ଚତୁର୍ଥ ସ୍ଥାନରେ ରହି ଯାଇଛନ୍ତି ମନୁ ଭାକର। ଫଳରେ ହ୍ୟାଟ୍ରିକ୍ ମେଡାଲ ଆଶା ମଉଳି ଯାଇଛି। ଫାଇନାଲ ଫାଇଟରେ ଏକ ସମୟରେ ମନୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଚତୁର୍ଥ ସ୍ଥାନକୁ ଖସି ଆସିଥିଲେ। ହଙ୍ଗେରୀର ବେରୋଣିକା ମେଜର ତାଙ୍କୁ ପଛରେ ପକାଇ ବ୍ରୋଞ୍ଜ ବିଜୟୀ ହୋଇଛନ୍ତି। ସେହିପରି ଦକ୍ଷିଣ କୋରିଆ। ପ୍ରଥମରେ ରହି ସ୍ୱର୍ଣ୍ଣ ବିଜେତା ହୋଇ ଥିବାବେଳେ ଫ୍ରାନ୍ସ ରୌପ୍ୟ ଜିତି ନେଇଛି। ୨୨ ବର୍ଷୀୟ ମନୁ ୨୫ ମିଟର ପିସ୍ତଲ ଫାଇନାଲରେ ପଦକ ଜିତି



ପାରିନଥିଲେ ମଧ୍ୟ ପୂର୍ବ ଦୁଇ ଇଭେ ରେ ବ୍ରୋଞ୍ଜ ବିଜୟୀ ହୋଇ ଭାରତକୁ ଗର୍ବିତ କରିଛନ୍ତି। ସେ ୧୦ ମିଟର ଏୟାର ପିସ୍ତଲ ମହିଳା ବର୍ଗରେ ଭାରତକୁ ପ୍ରଥମ ବ୍ରୋଞ୍ଜ ପଦକ ଭେଟି ଦେଇଥିଲେ। ଏହାପରେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଂଟରେ ମଧ୍ୟ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ଜିତିଥିଲେ। ମିକ୍ସଡ ଇଭେ ରେ ତାଙ୍କ ସହ ସରବଜତ ସିଂହ ରହିଥିଲେ।

ମନୁ ନିଜର ହ୍ୟାଟ୍ରିକ ମେଡାଲ ସହ ଭାରତକୁ ଆଉ ଏକ ପଦକ ଭେଟି ଦେବା ନେଇ ଆଶା କରା ଯାଉଥିଲା। କିନ୍ତୁ ସେ ସେ ୨୫ ମିଟର ପିସ୍ତଲ ଫାଇନାଲରେ କୌଣସି ପଦକ ଜିତି ପାରିନାହାନ୍ତି। ଏଥିସହ ମନୁଙ୍କ ପ୍ୟାରିସ ଅଲିମ୍ପିକ୍ସ ଯାତ୍ରା ଶେଷ ହୋଇଛି। ଅନ୍ୟପଟେ ଭାରତ ଏଯାଏ ପ୍ୟାରିସ ଅଲିମ୍ପିକ୍ସରେ ୩ଟି ପଦକ ଜିତିଛି। ମନୁ ଓ ସରବଜୋଙ୍କ ବ୍ୟତୀତ ୫୦ ମିଟର ରାଇଫଲ ଥ୍ରୀ ପୋଜିସନରେ ସ୍ୱପ୍ନିଲ କୁଶାଲେ ବ୍ରୋଞ୍ଜ ବିଜୟୀ ହୋଇଛନ୍ତି।

# ରୋଇଂ ପୋଡିୟମରେ ୩ ମା'

**ପ୍ୟାରିସ୍,୩।୮:** ମାତୃତ୍ୱ ଲାଭ କରିବା ପରେ କ୍ରୀଡ଼ାବିତମାନଙ୍କ କ୍ୟାରିୟର ସାଧାରଣତଃ ପଛେଇ ଯାଇଥାଏ। ତେବେ ଚଳିତ ପ୍ୟାରିସ୍ ଅଲିମ୍ପିକ୍ସରେ ମାତୃତ୍ୱ ଲାଭ କରିଥିବା ୩ ଜଣ ଖେଳାଳି ରୋଇଂ ଇଭେ ରେ ପୋଡିୟମରେ ଛିଡ଼ା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବ୍ରିଟେନ୍ର ହେଲେନ୍ ଗ୍ରୋଭର, ନ୍ୟୁଜିଲାଣ୍ଡର ଲୁସି ସ୍ପୁର୍ସ ଓ ବ୍ରୁକ୍ ଫ୍ରାନ୍ସିସ ଏହି ନିଆରା କୃତିତ୍ୱ ହାସଲ କରିଛନ୍ତି। ବ୍ରିଟେନର ଭେଟେରାନ୍ ହେଲେନ୍ ଗ୍ରୋଭର ୩ଟି ସନ୍ତାନର ମା'। ଓମେନ୍ସ ୪ ଇଭେ ରେ ରୌପ୍ୟ ବିଜୟୀ ଇଂଲଣ୍ଡ ଦଳର ସେ ଅନ୍ୟତମ ସଦସ୍ୟ। ସେହିପରି ଲୁସି ସ୍ପୁର୍ସ ଓ ବ୍ରୁକ୍ ଫ୍ରାନ୍ସିସ ନ୍ୟୁଜିଲାଣ୍ଡ ଡବଲ୍ ସ୍କଲ୍ ଦଳର ସଦସ୍ୟ ଭାବରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଭୟ ବିଜୟୀ ହେବା ପରେ ଡଗ୍ଆଉଟରେ ନିଜ ଛୁଆଙ୍କ ସହ ସମୟ ବିତାଉଥିବା ଦେଖିବାକୁ ମିଳିଥିଲା। ଲୁସି ସ୍ପୁର୍ସ ଓ ବ୍ରୁକ୍ ଫ୍ରାନ୍ସିସ ଅଭ୍ୟାସ ସମୟରେ ନିଜ ଶିଶୁମାନଙ୍କ ଲୋରି ଶୁଣୁଥିବା ପ୍ରକାଶ କରିଛନ୍ତି।

# ମହାରାଷ୍ଟ୍ର ସହିତ ଟୟୋଟା କିର୍ଲୋସ୍କାରର ଚୁକ୍ତି

**ନୂଆଦିଲ୍ଲୀ,୩।୮:** ପ୍ରତିବଦ୍ଧତାକୁ ନିଶ୍ଚିତ କରି ଟୟୋଟା କିର୍ଲୋସ୍କର ମୋଟର ମହାରାଷ୍ଟ୍ର ସରକାରଙ୍କ ସହ ଏକ ଚୁକ୍ତିପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହା ଅନ୍ତର୍ଗତ ଛତ୍ରପତି ସମ୍ଭାଜୀ ନଗରଠାରେ ଏକ ସବୁଜ କ୍ଷେତ୍ର ଉତ୍ପାଦନ ସୁବିଧା ଆରମ୍ଭ ହେବ। ଟିକେଏମର ମୁଖ୍ୟାଳୟ କର୍ଣ୍ଣାଟକରେ ରହିଛି। ବିଦାଡିରେ ଅବସ୍ଥିତ ଦୁଇଟି ଅତ୍ୟାଧୁନିକ ୟୁନିଟ ସହିତ ଏକ ବିଶ୍ୱସ୍ତରୀୟ ଉତ୍ପାଦନ ସେଟଅପ ସହିତ ବିଶ୍ୱ ଅଟୋମୋବାଇଲ ଦୃଶ୍ୟପଟ୍ଟରେ ଭାରତର ସ୍ଥିତିକୁ ସୁଦୃଢ଼ କରୁଛି। ମହାରାଷ୍ଟ୍ର ସରକାରଙ୍କ ସହ ବୁଝାମଣାପତ୍ର ଡକ୍ଟର ହର୍ଷଦୀପ କାମ୍ବଲେ (ଆଇଏଏସ), ମୁଖ୍ୟ ଶାସନ ସଚିବ (ଇଣ୍ଡଷ୍ଟ୍ରିଜ), ଏମଏଚ ସରକାର ଏବଂ ସୁଦୀପ ସାନ୍ତ୍ରମ ଡାଲଭି, ନିର୍ଦ୍ଦେଶକ ତଥା ମୁଖ୍ୟ ଯୋଗାଯୋଗ ଅଧିକାରୀ ଟିକେଏମ, ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ତଥା ଅନ୍ୟ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସ୍ୱାକ୍ଷର ହୋଇଛି। ଏହି ଅବସରରେ ଟିକେଏମ ତରଫରୁ ଟୟୋଟା କିର୍ଲୋସ୍କର ମୋଟରର ସିଇଓ ତଥା ଟୟୋଟା ମୋଟର କର୍ପୋରେସନ(ଟିଏମସି)ର ଆଂଚଳିକ ସିଇଓ ମାସାକାଜୁ ୟୋସିମୁରା, ଉପାଧ୍ୟକ୍ଷ ଟିକେଏମ ଶ୍ରୀମତୀ ମାନସୀ ଟାଟା, ଡେପୁଟି ମ୍ୟାନେଜିଂ ନିର୍ଦ୍ଦେଶକ ଟିକେଏମ ଉପସ୍ଥିତ ଥିଲେ।

୧୯୯୯ରେ ଏହାର କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ, ଭାରତରେ ଏହାର ଯାତ୍ରା ଜାରି ରହିଛି। ବର୍ତ୍ତମାନ ଟୟୋଟା ପାଇଁ ବିଶ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ବଜାରରେ ପରିଣତ ହୋଇଛି।

# ଅଷ୍ଟିଓପାଥି କ୍ଲିନିକର ଶୁଭାରମ୍ଭ

**କୋଲକାତା,୩।୮:** ସିକେ ବିର୍ଲା ହସପିଟାଲ୍ସ୍ ତାହାର ସର୍ବାଧୁନିକ ଅଷ୍ଟିଓପାଥି କ୍ଲିନିକ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରୁଛି, ଯାହା ରୋଗୀମାନଙ୍କୁ ସେମାନଙ୍କର ସାମଗ୍ରିକ ସ୍ୱାସ୍ଥ୍ୟ ଓ କଲ୍ୟାଣରେ ବୃଦ୍ଧି ନିମନ୍ତେ ବିନା କଟାକଟି (ନନ୍ ଇନଭାସିଭ୍) ଚିକିତ୍ସା ଯୋଗାଇଦେବ। ଏହି କ୍ଲିନିକ ସିଏମ୍ଆରଆଇରେ ଅବସ୍ଥିତ ଏବଂ ଏହା ରୋଗୀମାନଙ୍କୁ ପୂର୍ଣ୍ଣାଙ୍ଗ ଅଷ୍ଟିଓପାଥି ଯତ୍ନ ଯୋଗାଇଦେବା ସହିତ ଆପେ ଆରୋଗ୍ୟ ହେବାକୁ ଶରୀରର ଅନ୍ତର୍ନିହିତ ସାମର୍ଥ୍ୟକୁ ଅଧିକ ତ୍ୱରାନ୍ୱିତ କରିବ। ଅଷ୍ଟିଓପାଥି ଏକ ଔଷଧ ମୁକ୍ତ, ପୂର୍ଣ୍ଣାଙ୍ଗ, ବିନା କଟାକଟି ମଣିଷ ଦ୍ୱାରା କରାଯାଉଥିବା ଚିକିତ୍ସା ଯାହା ମାଂସପେଶୀୟ ବ୍ୟବସ୍ଥାକୁ ମଜଭୁତ ଏବଂ କ୍ରିୟାଶୀଳ କରି ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲକ୍ଷ୍ୟ ରଖିଛି। ଅଷ୍ଟିଓପାଥି ଚିକିତ୍ସା ଶରୀରର ଗଠନ ଶୈଳୀ ଏବଂ କାର୍ଯ୍ୟକାରିତାଗତ ସମ୍ପର୍କ ଉପରେ ଗୁରୁତ୍ୱ ଦେଇ ଶରୀରର ସ୍ନାୟବିକ, ଆବର୍ତ୍ତୀ ଏବଂ ଲିମ୍ଫାଟିକ ବ୍ୟବସ୍ଥା ଉପରେ ସକାରାତ୍ମକ ପ୍ରଭାବ ପକାଇବା ଲକ୍ଷ୍ୟ ରଖିଛି। ଏହା ଅଗଣିତ ପୁରାତନ ଏବଂ ଗମ୍ଭୀର ପରିସ୍ଥିତିର ଚିକିତ୍ସା କରୁଛି ଏବଂ ଶରୀରର ପ୍ରାକୃତିକ ଆରୋଗ୍ୟକାରୀ ପ୍ରକ୍ରିୟାଗୁଡିକୁ ଅଧିକ କ୍ରିୟାଶୀଳ କରି ପୁରାତନ ଶାରୀରିକ ବ୍ୟତିକ୍ରମଗୁଡିକର ନିରାକରଣ କରିପାରିବ।

# "ଇଣ୍ଡିଆ ଚିୟର୍ସ ଫର ନୀରଜ୍" ଅଭିଯାନ

**ନୂଆଦିଲ୍ଲୀ,୩।୮:** ସାମସଙ୍ଗ ଆଜି ନୀରଜ ଚୋପ୍ରାଙ୍କ ପାଇଁ ବହୁ ସଂଖ୍ୟାରେ ଅଭିନନ୍ଦନ ବାର୍ତ୍ତା "ଇଣ୍ଡିଆ ଚିୟର୍ସ ଫର ନୀରଜ" ଅଭିଯାନ ମାଧ୍ୟମରେ ପଠାଇବା ପାଇଁ ଫ୍ୟାନ୍ସ ମାନଙ୍କୁ ଅନୁରୋଧ କରିବା ସହିତ ଏହାର ଘୋଷଣା କରିଛି। ସାମସଙ୍ଗ ଇଣ୍ଡିଆର ଲକ୍ଷ୍ୟ ହେଉଛି ନୀରଜଙ୍କୁ ପ୍ରୋତ୍ସାହନ ସଶକ୍ତ କରିବା ସହିତ ଦକ୍ଷତା ତଥା ସବୁ ପ୍ରକାର ସୀମା ପାରକରି ଶ୍ରେଷ୍ଠତା ପ୍ରତିପାଦନ କରିବା। ସମଗ୍ର ଦେଶର ଗ୍ରାହକ ମାନଙ୍କୁ ମୁଖ୍ୟ ସ୍ରୋତରେ ଆଣିବା ସହିତ, ସେମାନଙ୍କର ଉତ୍ସାହ, ଉଦ୍ଦିପନା ତଥା ମିଳିତ ଭାବରେ ଉତ୍ସାହ ଜାରି ରଖିବା ନିମନ୍ତେ ସାମସଙ୍ଗ ଇଣ୍ଡିଆ ନୀରଜ ଚୋପ୍ରାଙ୍କୁ ଦୃଢ଼ ପ୍ରୋତ୍ସାହିତ କରିବାର ଉଦ୍ଦେଶ୍ୟ ନେଇ ଏକ ଚଳଚ୍ଚିତ୍ର ଅନାବରଣ କରିଛି। ଅତି ନମ୍ରଭାବ ତଥା ଦୃଢ଼ତାର ଆବେଗକୁ ଏଭଳି ଖେଳକୁଦ କ୍ଷେତ୍ରରେ ବିଭିନ୍ନ ଆହ୍ୱାନର ମୁକାବିଲା କରି ଏସବୁକୁ ବାସ୍ତବ ରୂପ ଦେବା ପାଇଁ, ସାମସଙ୍ଗର ନିକଟରେ ଶୁଭାରମ୍ଭ ହୋଇଥିବା ଗାଲାକ୍ସି ଜେଡ଼ ଫୋଲ୍ଡ୬ ସ୍ମାର୍ଟଫୋନ ତାଙ୍କର ଯାତ୍ରାକୁ କିପରି ଆହୁରି ସୁଗମ କରିପାରିଛି, ପ୍ରସ୍ତୁତ ଚଳଚ୍ଚିତ୍ରରେ ଏହା ଉପରେ ଆଲୋକପାତ କରାଯାଇଛି।

ଗାଲାକ୍ସି ଏଆଇ କୌଶଳର କ୍ଷମତାକୁ ନେଇ ଗାଲାକ୍ସି ଜେଡ଼ ଫୋଲ୍ଡ୬ ସବୁ ପ୍ରକାର ରାସ୍ତା ଅତିକ୍ରମ କରିପାରିଛି ଯାହାକି ଗ୍ରାହକମାନଙ୍କୁ ଅତୁଳନୀୟ ଅଭିଜ୍ଞତା ପ୍ରଦାନ କରିଛି। ଗାଲାକ୍ସି ଏଆଇ କ୍ଷମତାପ୍ରାପ୍ତ, ଗାଲାକ୍ସି ଜେଡ଼ ଫୋଲ୍ଡ୬ ସ୍ମାର୍ଟଫୋନରେ ଅନେକ ଗୁଡ଼ିଏ ଏଆଇ ବିଶେଷତ୍ୱ ରହିଛି ଯଥା- ଇଂଟରପ୍ରିଟର ଏବଂ ନୋଟ ଆସିଷ୍ଟ, ଅଧିକ ପ୍ରଭାବଶାଳୀ ଢ଼ଙ୍ଗରେ ବ୍ୟବହାରକାରୀମାନଙ୍କୁ ଯୋଗାଯୋଗ କରିବା ପାଇଁ ଅନୁମତି ପ୍ରଦାନ ତଥା ଏହାର ଉତ୍ପାଦନ ବୃଦ୍ଧି ସହିତ ବ୍ୟବହାରକାରୀମାନଙ୍କର କାର୍ଯ୍ୟ ଜୀବନଶୈଳୀରେ ପରିବର୍ତ୍ତନ ଇତ୍ୟାଦି। "ଗୌରବ ଅର୍ଜନ କରିବା ପାଇଁ ବ୍ୟକ୍ତିଗତ ଭାବରେ ସବୁ ପ୍ରକାର ସୀମା ପାରକରି ସଶକ୍ତ ହେବାର ଲକ୍ଷ୍ୟକୁ ହାସଲ କରିବା ଉପରେ ସାମସଙ୍ଗ ବିଶ୍ୱାସ ପ୍ରକଟ କରିଥାଏ। ଆମେ ନୀରଜ ଚୋପ୍ରାଙ୍କ ଉଦ୍ଦେଶ୍ୟରେ ଆମର ସମ୍ଭାବନାକୁ ଧରି ରଖିଛୁ, ଯାହାଙ୍କ ଭିତରେ ସମ୍ପୂର୍ଣ୍ଣ ଭାବରେ ଦକ୍ଷତା ତଥା ଅସୀମିତ ସମ୍ଭାବନା ଭରି ରହିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
**Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ**